**ରଣକ୍ଷେତ୍ର ପାଲଟିଲା ଗୁଡ଼ଭେଲା ପଞ୍ଚାୟତ ସମିତି କାର୍ଯ୍ୟାଳୟ**

# ବିଜେପିର ଦୁଇ ଗୋଷ୍ଠୀ ହାତାହାତି






- ବିଧାୟକ ଓ ଅଧ୍ୟକ୍ଷ ଗୋଷ୍ଠୀ ମୁହାଁମୁହିଁ; ୩ ଆହତ
- ଠିକାକାମକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ ଅସନ୍ତୋଷ

ବଲାଙ୍ଗିର, ୧୦।୪(ସମିସ)

ବଲାଙ୍ଗିର ବିଜେପି କଳି ହାଟରେ ପଡ଼ି ଦାଣ୍ଡରେ ଗଡୁଛି। ନେତା ନେତା ମଧ୍ୟରେ ସମ୍ପର୍କ ଠିକ ନ ଥିବା ବେଳେ କର୍ମୀଙ୍କ ମଧ୍ୟରେ ବି ଅସନ୍ତୋଷ ଦେଖିବାକୁ ମିଳିଛି। କେତେବେଳେ କେଉଁ କର୍ମୀ ବିଧାୟକଙ୍କ ବିରୋଧରେ ଯାଉଥିବା ବେଳେ ଆଉ କେତେବେଳେ କେଉଁ ନେତା ସାଂସଦଙ୍କ ବିରୋଧରେ ଯାଉଥିବା ଦେଖିବାକୁ ମିଳିଛି। ଏହିସବୁ ଭିତରେ କିନ୍ତୁ ବିଜେପିରେ ସାଙ୍ଗଠନିକ ଅସନ୍ତୋଷ ଦାନା ବାନ୍ଧୁଛି। ଠିକା କାମକୁ ନେଇ ଅଧ୍ୟକ୍ଷ ଓ ବିଧାୟକ ଗୋଷ୍ଠୀ ଗୁଡଭେଲାରେ ହାତାହାତି ହେବା ଘଟଣା ଶୁକ୍ରବାର ସାମ୍ନାକୁ ଆସିଛି। ବିଧାୟକ ସମର୍ଥକ ଗୋଷ୍ଠୀଙ୍କ ମାଡରେ ବ୍ଲକ ଅଧ୍ୟକ୍ଷ ସମର୍ଥକ ଗୋଷ୍ଠୀର ୩ ଜଣ ଆହତ ହୋଇଥିବା ଅଭିଯୋଗ ହୋଇଛି। କିଛି ଦିନ ପୂର୍ବରୁ ନିଜେ ଟିଟିଲାଗଡ଼ ବିଧାୟକ ନବୀନ ଜୈନ ରାମନବମୀ ଶୋଭାଯାତ୍ରାରେ ଗୁଳି ଫୁଟାଇ ବିବାଦୀୟ ହୋଇଛନ୍ତି। ଆଜି ପର୍ଯ୍ୟନ୍ତ ଏହି ଘଟଣାରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନି। ତାଙ୍କ ସମର୍ଥକଙ୍କ ନାମରେ ଏବେ ସଙ୍ଗିନ ଅଭିଯୋଗ ସାମ୍ନାକୁ ଆସିଛି।

ବଲାଙ୍ଗିର ଜିଲ୍ଲାରେ ଥିବା ୫ଟି ବିଧାନସଭା କ୍ଷେତ୍ରରୁ ୪ଟି ଆସନରେ ବିଜେପି ବିଜୟୀ ହୋଇଥିଲା। ୪ ଜଣ ବିଧାୟକଙ୍କ ମଧ୍ୟରୁ ଜଣେ ଉପମୁଖ୍ୟମନ୍ତ୍ରୀ, ଜଣେ କ୍ୟାବିନେଟ ମନ୍ତ୍ରୀ ପାହ୍ୟା ପାଇଛନ୍ତି। ଜଣେ ବିଧାୟକଙ୍କୁ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଦାୟିତ୍ୱ ଦିଆଯାଇଛି। ସାଂସଦ ମଧ୍ୟ ବିଜେପି ଦଳରୁ; ହେଲେ ଜିଲ୍ଲାରେ ସଙ୍ଗଠନକୁ ନେଇ ଆଜି ବି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜିଲ୍ଲାର ପ୍ରାୟ ସମସ୍ତ ବ୍ଲକରେ ବିଜେପିର ୨/୩ଟି ଗୋଷ୍ଠୀ ରହିଛି। ଗୁଡଭେଲା ବ୍ଲକରେ ଅଧ୍ୟକ୍ଷ ଓ ବିଧାୟକ ଗୋଷ୍ଠୀଙ୍କ ଗଣ୍ଡଗୋଳ ଏହି ଆଲୋଚନାକୁ ଖୋରାକ ଯୋଗାଇଛି

ଗୁଡଭେଲା ବ୍ଲକ ଅଧ୍ୟକ୍ଷ ଅଶୋକ ଦୋରା ଓ ବିଧାୟକ ନବୀନ ଜୈନଙ୍କ ମଧ୍ୟରେ ସମ୍ପର୍କ କେତେ ଖଟା ଓ କେତେ ମିଠା ତାହା ସମସ୍ତଙ୍କୁ ଜଣା। ୨୦୧୯ ସାଧାରଣ ନିର୍ବାଚନରେ ଅଶୋକ ଦୋରା ବିଧାୟକ ପ୍ରାର୍ଥୀ ହୋଇଥିଲେ; କିନ୍ତୁ ପରାଜିତ ହୋଇଥିଲା। ୨୦୨୨ ପଞ୍ଚାୟତ ନିର୍ବାଚନରେ ସେ ବ୍ଲକ ଉପାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇ ବିଜେପି ସହ ହିଁ ରହିଆସିଛନ୍ତି; କିନ୍ତୁ ୨୦୨୪ ନିର୍ବାଚନରେ ବିଜେପି ପ୍ରାର୍ଥୀ ନବୀନ ଜୈନ ବିଜୟୀ ହେବା ପରେ ଉଭୟଙ୍କ ମଧ୍ୟରେ ବିବାଦ ରହିଆସିଛି। ନେତାଙ୍କ ଭଳି ସମର୍ଥକଙ୍କ ମଧ୍ୟରେ ବି ତିକ୍ତତା ରହିଆସିଛି। ବ୍ଲକରେ ହେଉଥିବା ଉନ୍ନତିମୂଳକ କାମର ଠିକାକୁ ନେଇ ଉଭୟ ଗୋଷ୍ଠୀ ମୁହାଁମୁହିଁ ହେଉଛନ୍ତି।

ଶୁକ୍ରବାର ବ୍ଲକ ପରିସରରେ ଗଣ୍ଡଗୋଳ ଦେଖିବାକୁ ମିଳିଥିଲା। ବିଧାୟକଙ୍କ ପ୍ରତିନିଧି ଶରତ ସାହୁ କିଛି ସମର୍ଥକଙ୍କ ସହ ବ୍ଲକକୁ ଆସିଥିଲେ। ସେହି ସମୟରେ ବ୍ଲକରେ ଅଧ୍ୟକ୍ଷ କିମ୍ବା ଉପାଧ୍ୟକ୍ଷ କେହି ଉପସ୍ଥିତ ନ ଥିଲେ। ସେମାନଙ୍କ କିଛି ସମର୍ଥକ ଉପସ୍ଥିତ ରହିଥିଲେ। ଉଭୟ ଗୋଷ୍ଠୀ ମୁହାଁମୁହିଁ ହେବା ପରେ କଥା ହାତାହାତି ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ୩ ଜଣ ଆହତ ହୋଇଛନ୍ତି। ତେବେ ଶରତ ସାହୁଙ୍କ କହିବା ଅନୁସାରେ ସେମାନେ ବ୍ଲକକୁ କିଛି କାମ ନେଇ ଆସିଥିଲେ। ଅଧ୍ୟକ୍ଷଙ୍କ ସମର୍ଥକ ତାଙ୍କୁ ମାଡ ମାରିବା ପାଇଁ ପୂର୍ବରୁ ପ୍ରସ୍ତୁତ ହୋଇରହିଥିଲେ। ଆସିବା ପରେ ସେମାନେ ଗଣ୍ଡଗୋଳ ଆରମ୍ଭ କରିଥିଲେ। ଅନ୍ୟପଟେ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷଙ୍କ କହିବା ଅନୁସାରେ ଗୁଡଭେଲା ଷ୍ଟାଡିୟମ ଗୁଡଭେଲାରୁ ଅନ୍ୟତ୍ର ସ୍ଥାନାନ୍ତର କରିବା ନେଇ ତାଙ୍କୁ ଦାୟୀ କରାଯାଉଛି। ଶୁକ୍ରବାର ଏହାକୁ ନେଇ ମଦ ପିଇ ବିଧାୟକଙ୍କ ପ୍ରତିନିଧି ଓ ସମର୍ଥକ ଆସି ଗଣ୍ଡଗୋଳ କରିଥିଲେ। ଏଥିରେ ତାଙ୍କ ଗୋଷ୍ଠୀର ୩ ଜଣ ଆହତ ହୋଇଛନ୍ତି। ତେବେ ଘଟଣା ବିଷୟରେ ସୂଚନା ପାଇ ତୁଷୁରା ପୁଲିସ ପହଞ୍ଚିଥିଲା। ଅଶୋକ ଦୋରାଙ୍କ ସମର୍ଥକମାନେ ବିପକ୍ଷ ଗୋଷ୍ଠୀ ବିରୋଧରେ ଥାନାରେ ଅଭିଯୋଗ କରିଛନ୍ତି।

ବିଧାୟକ ଓ ଅଧ୍ୟକ୍ଷଙ୍କ ମଧ୍ୟରେ ରହିଥିବା ଅସନ୍ତୋଷ ଯୋଗୁଁ କର୍ମୀ ହାତାହାତି ହେଉଥିବା ଆଲୋଚନା ହେଉଛି। ପୂର୍ବରୁ ମଧ୍ୟ ଏହିଭଳି ଭାବେ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ରହିଥିବା ଅସନ୍ତୋଷ ସାମ୍ନାକୁ ଆସିଛି। ସେହିପରି କିଛି ଦିନ ପୂର୍ବରୁ ଏକ ମାମଲାକୁ ନେଇ ଲୋଇସିଂହା ବିଜେପିରେ ମଧ୍ୟ ଏହିଭଳି ସ୍ଥିତି ଦେଖିବାକୁ ମିଳିଥିଲା। ବିଧାୟକଙ୍କ ଜଣେ ସମର୍ଥକଙ୍କ ନାମରେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଟଙ୍କା ଅସୁଲି ମାମଲା ହେବା ପରେ ଜଣେ ଯୁବକଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ବିବାଦୀୟ କରାଯାଇଥିଲା। ଅଥଚ ସମ୍ପୃକ୍ତ ଯୁବକ ଜଣକ ୨ ଦିନ ପରେ ବିଜେପି ପ୍ରତିଷ୍ଠା ଦିବସରେ ସାଂସଦଙ୍କ ସମର୍ଥକ ଗୋଷ୍ଠୀ ସହ ବିଜେପି କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ। ଏହିଭଳି ଅନେକ ଉଦାହରଣ ରହିଛି; ଯାହା ବିଜେପିରେ ରହିଥିବା ଅସନ୍ତୋଷକୁ ପଦାରେ ପକାଇଛି।

## ବେଲପଡ଼ା ନବୋଦୟ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବେଲପଡ଼ା, ୧୦।୪(ସମିସ): ବେଲପଡ଼ାସ୍ଥିତ ପିଏମ ଶ୍ରୀ ସ୍କୁଲ ଜବାହର ନବୋଦୟ ବିଦ୍ୟାଳୟର ୩୪ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପାଟଣାଗଡ଼ ଉପ ଜିଲ୍ଲାପାଳ ସୁନୀଲ ମେହେର, ସମ୍ମାନୀୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଗୁଣନିଧି ମଲ୍ଲିକ, ମୁଖ୍ୟ ବକ୍ତା ଭାବେ ଟିଟିଲାଗଡ଼ ଡିଏଭି କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଡି. ଏସ ବେହେରା, ସ୍ୱସ୍ତିତପ କର ପ୍ରମୁଖ ମଞ୍ଚାସୀନ ଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ରାଜନାରାୟଣ ମେହେର ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ ହୋଇଥିଲା। ଏହି ଅବସରେ ଝରିଆଲ ପୁସ୍ତକ ଉନ୍ମୋଚନ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ଛାତ୍ରଛାତ୍ରୀଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା।

## ରାମଚନ୍ଦ୍ରପୁର କନ୍ୟାଶ୍ରମ ଛାତ୍ରୀ ଜାତୀୟସ୍ତରର କ୍ରୀଡ଼ା ପାଇଁ ମନୋନୀତ



ଦେଓଗାଁ, ୧୦।୪(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ରାମଚନ୍ଦ୍ରପୁର କନ୍ୟାଶ୍ରମର ଛାତ୍ରୀ ପ୍ରତିମା ତାଣ୍ଡି ଜାତୀୟସ୍ତରୀୟ ବିଦ୍ୟାଳୟ ସମୂହ ବ୍ୟାଡମିଣ୍ଟନ ପ୍ରତିଯୋଗିତା ପାଇଁ ମନୋନିତ ହୋଇଛନ୍ତି। ତାଙ୍କ ଏହି ସଫଳତା ପାଇଁ ସମଗ୍ର ଦେଓଗାଁ ବ୍ଲକରେ ଖୁସୀର ଲହରୀ ଖେଳିଛି। ଆସନ୍ତା ୧୬ ତାରିଖରୁ ୨୨ ତାରିଖ ଯାଏଁ ଦିଲ୍ଲୀରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ସେ ୧୩ ତାରିଖରେ ଦିଲ୍ଲୀ ଗସ୍ତ କରିବେ। ତାଙ୍କ ପ୍ରଶିକ୍ଷକ ଶିକ୍ଷକ ଅଭୟ ଚରଣ ତ୍ରିପାଠୀ ଏହି ସୂଚନା ଦେଇଛନ୍ତି। ଗତ ଅକ୍ଟୋବର ମାସରେ ନବରଙ୍ଗପୁରରେ ହୋଇଥିବା ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡାରେ ସେ ମନୋନୀତ ହୋଇ ଜାତୀୟ ସ୍ତରକୁ ଉନ୍ନିତ ହୋଇଛନ୍ତି। ମୁଣ୍ଡାପଲା ଗାଁର ନୀଳମଣି ତାଣ୍ଡି ଓ ନମିତା ତାଣ୍ଡିଙ୍କ ଝିଅ ହେଉଛନ୍ତି ପ୍ରତିମା।

## ୨ୟ ବନଦୁର୍ଗା ମହୋତ୍ସବର ତୃତୀୟ ସନ୍ଧ୍ୟାରେ ସମ୍ବର୍ଦ୍ଧନା ପର୍ବ



ବଲାଙ୍ଗିର, ୧୦।୪(ସମିସ): ବଲାଙ୍ଗିର ଜିଲ୍ଲାର ସୁକେତେଲ ଡ୍ୟାମ୍ ଅଞ୍ଚଳରେ ଦ୍ୱିତୀୟ ବନଦୁର୍ଗା ମହୋତ୍ସବ ଚାଲିଛି। ତୃତୀୟ ସନ୍ଧ୍ୟାରେ ଡ୍ୟାମ୍ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ସୁରେନ୍ଦ୍ର ଭୋଇ, ଅତିରିକ୍ତ ଏସ୍‌ପି ଗୁଣିଧି ମଲ୍ଲିକ, ଅଧାପକ ଡ. ସୁରେଶ ଚନ୍ଦ୍ର ଷଡଙ୍ଗୀ, ବିଡିଓ ହୃଷିକେଶ ଗଣ୍ଡ, ଲୋଇସିଂହା ବିଡିଓ ଅକ୍ଷୟ ପାଣି ଉଦ୍ଗୁ, ବିକାଶ ରଞ୍ଜନ ରଥ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସଞ୍ଜୟ ଗଡ଼ତ୍ୟା ସଭାପତିତ୍ୱ କରିଥିଲେ। ଜୟକୃଷ୍ଣ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଗଣେଶ୍ୱର ବେହେରା, ଗିରିଧାରୀ ପୁଟା, ଦୟାନିଧି ଗଡ଼ାତ୍ୟାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ସୁକତେଲ ପୋଲରେ ଦୁଇ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ



ବଲାଙ୍ଗିର, ୧୦।୪(ସମିସ): ବଲାଙ୍ଗିର-ବରଗଡ଼ ୨୬ ନଂ ଜାତୀୟ ରାଜପଥ ଫାସଡ ସୁକତେଲ ନଦୀ ପୋଲରେ ପୁଣି ଦୁଇଟି ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଗୁରୁବାର ବିଳମ୍ବିତ ରାତିରେ ଦୁଇଟି ଟ୍ରକ୍ ବରଗଡ଼ରୁ ବଲାଙ୍ଗିର ଅଭିମୁଖେ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଛି। ଉଭୟ ଜାତୀୟ ରାଜପଥରେ ବରଗଡ଼ ପଟୁ ବଲାଙ୍ଗିର ଅଭିମୁଖେ ଯାଉଥିଲେ। ଲୋଇସିଂହା ଥାନା ଫାସଡ ଛକ ପାରି ହେବା ପରେ ସୁକତେଲ ପୋଲ ଆରମ୍ଭରୁ ହିଁ ଓଭରଟେକ କରିବା ସମୟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ଏଥିରେ ଉଭୟ ଟ୍ରକର ସାମ୍ନା ପଟ ନଷ୍ଟ ହୋଇଛି।

## ଫ୍ଲୋରାଇଡ୍ ପାଣି ସମସ୍ୟା ଓ ବ୍ୟାରେଜକୁ ନେଇ ଉଦ୍‌ବେଗ

ବଲାଙ୍ଗିର, ୧୦।୪(ସମିସ): ବଲାଙ୍ଗିର ସର୍କିଟ ହାଉସରେ ସଦର ବିଧାୟକ କଳିକେଶ ନାରାୟଣ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଆୟୋଜିତ ହୋଇଛି। ଏହି ବୈଠକରେ ଜନସ୍ୱାସ୍ଥ୍ୟ ବିଭାଗ, କ୍ଷୁଦ୍ର ଜଳସେଚନ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ଗ୍ରାମ୍ୟ ଜଳଯୋଗାଣ ବିଭାଗର କାର୍ଯ୍ୟକଳାପ ଉପରେ ବିସ୍ତୃତ ସମୀକ୍ଷା କରାଯାଇଥିଲା। ବିଶେଷକରି ଗ୍ରାମାଞ୍ଚଳରେ ଫ୍ଲୋରାଇଡ୍ ଯୁକ୍ତ ପାଣି ସମସ୍ୟାକୁ ନେଇ ଗଭୀର ଆଲୋଚନା ହୋଇଥିଲା। ଏହାର ସ୍ଥାୟୀ ସମାଧାନ ପାଇଁ ତତ୍କାଳ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହା ସହ ସୋନଗଡ଼ ନଦୀର



ସିକୁଆଁରେ ପ୍ରାୟ ୧୨୪ କୋଟି ଟଙ୍କା ବ୍ୟୟରେ ବ୍ୟାରେଜ ନିର୍ମାଣ ପ୍ରକଳ୍ପ ଉପରେ ମଧ୍ୟ ସମୀକ୍ଷା ହୋଇଛି। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ଦେଓଗାଁ ଓ ବଲାଙ୍ଗିର ବ୍ଲକର ଅନେକ ପଞ୍ଚାୟତରେ ଜଳସେଚନ ସୁବିଧା ବୃଦ୍ଧି ପାଇବା ସହ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ ହେବ।

**ଦେଓଗାଁ ସାପ୍ତାହିକ ବଜାରରେ ପଲ୍ଲୀସଭା**

## ପଞ୍ଚାୟତର ଉନ୍ନୟନ କାମ ତ୍ୱରାନ୍ୱିତ କରିବାକୁ ଦାବି

ଦେଓଗାଁ, ୧୦।୪(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଦେଓଗାଁ ମୁଖ୍ୟାଳୟସ୍ଥିତ ସାପ୍ତାହୀକ ବଜାର ପ୍ରାଙ୍ଗଣରେ ଶୁକ୍ରବାର ପୂର୍ବାହ୍ନରେ ପଲ୍ଲୀସଭା ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଲିଙ୍ଗରାଜ ସୁନାଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ଦେଓଗାଁର ସର୍ବାଙ୍ଗିନ ବିକାଶ ପାଇଁ ଆଲୋଚନା କରାଯାଇଥିଲା। ଗାଁର ଶ୍ରମିକମାନେ ଉପସ୍ଥିତ ରହି କାମ ଯୋଗାଇ ଦେବାପାଇଁ ଦାବି କରିଥିଲେ। ସେହିପରି ଦେଓଗାଁର ବସ୍ତି ମଧ୍ୟରେ ରହିଥିବା ପାର୍ଶ୍ୱ ରାସ୍ତାଗୁଡିକ ନଷ୍ଟ ହୋଇ କାଦୁଅପୂର୍ଣ୍ଣ ହୋଇପଡୁଛି। ଉନ୍ନତିକରଣ ପାଇଁ ଦାବି ଉଠିଥିଲା। ଗାଁର ସର୍ବପୁରାତନ ଯୋଗୀସାଗରର ଉନ୍ନତିକରଣ ସହ ପାହାଚ ମରାମତି କରିବା ପାଇଁ ଗ୍ରାମବାସୀ ଦାବି କରାଯାଇଥିଲା। ଦେଓଗାଁରେ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ୬୫ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର ହୋଇଛି। ଏହି ପ୍ରକଳ୍ପ ଗାଁ ନିକଟରେ ରହିଥିବା ସରକାରୀ ଜମି ଚିହ୍ନଟ କରି ନିର୍ମାଣ କରିବା ପାଇଁ ଦାବି କରାଯାଇଛି। ଦେଓଗାଁରୁ ବହୁ ଦୂରରେ ଆବର୍ଜନା କୁଣ୍ଡ ନିର୍ମାଣ ହୋଇଛି। ତାହା କୌଣସି କାମରେ ଲାଗୁନି। ଯୋଗାସାଗର ରାସ୍ତାକଡରେ ନିର୍ମାଣ ହେଲେ ତାହା ସମସ୍ତଙ୍କ କାମରେ ଲାଗିପାରିବ। ରାସ୍ତା ଅଳିଆ ଆବର୍ଜନା ହେବ ନାହିଁ ବୋଲି ମତ ପ୍ରକାଶ ପାଇଥିଲା। ଗାଁର ମୁଖ୍ୟରାସ୍ତାରେ ରହିଥିବା ଡ୍ରେନ୍ ଠିକ୍ ରୂପେ ସଫା କରିବାକୁ ଦାବି ଉଠିଥିଲା। ଦେଓଗାଁ ଓ କଛାରପାଲିକୁ



ସୋନଗଡ଼ ନଦୀରୁ ପାନୀୟଜଳ ଯୋଗାଣ ହେଉଛି। ଚଳିତବର୍ଷ କେମିତି ପାଣି ଅଭାବ ନ ରହିବ ସେ ଦିଗରେ କାର୍ଯ୍ୟ କରିବା ଓ ଗ୍ୟାଲେରୀ କାମ ତୁରନ୍ତ କରିବା ପାଇଁ ଗ୍ରାମବାସୀ ଦାବି କରିଥିଲେ।

## ସିଏମ୍ ଟ୍ରଫି ଉଦ୍‌ଘାଟିତ



ବଲାଙ୍ଗିର, ୧୦।୪(ସମିସ): ସ୍ଥାନୀୟ ଗାନ୍ଧୀ ଷ୍ଟାଡ଼ିୟମ୍‌ରେ ଓଡ଼ିଶା କ୍ରୀଡ଼ା ମହାକୁମ୍ଭ ସିଏମ୍ ଟ୍ରଫି ଆନ୍ତଃ କ୍ଲବ ଓ ଆନ୍ତଃ ଜିଲ୍ଲା ଫୁଟବଲ୍ ଚାମ୍ପିୟନସିପ୍ ୨୦୨୬ ଦ୍ୱିତୀୟ ସଂସ୍କରଣ ଉଦ୍‌ଘାଟିତ ହୋଇଛି। ପ୍ରଥମ ଖେଳରେ ସଇଁତଲା ଏଫସି ୨-୧ ଗୋଲରେ ଦେଓଗାଁ ଏଫସିକୁ ହରାଇ ବିଜୟୀ ହୋଇଥିଲା। ଦ୍ୱିତୀୟ ଖେଳରେ ବଲାଙ୍ଗିର ଏଫସି ୧-୦ ଗୋଲରେ ପାଟଣାଗଡ଼ ଏଫସିକୁ ହରାଇ ବିଜୟୀ ହୋଇଥିଲା।

ଜିଲ୍ଲା କ୍ରୀଡ଼ା ସଂସଦ ସାଧାରଣ ସମ୍ପାଦକ ହରିନାରାୟଣ ପୂଜାରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଖେଳରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରା ଯୋଗ ଦେଇଥିଲେ। ଜିଲ୍ଲା କ୍ରୀଡ଼ା ସଂସଦ ତଥା ଫାଓ କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ରଙ୍କ ସଭାପତିତ୍ୱରେ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଥିଲା। ଉପ-ସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ଯୁଗ୍ମ ସମ୍ପାଦକ ଶତ୍ରୁଘ୍ନ ସିଂହ, କୋଷାଧ୍ୟକ୍ଷ ହେମନ୍ତ ବେହେରା, ବରିଷ୍ଠ ସଦସ୍ୟ ଜୟରାମ ମିଶ୍ର, କ୍ରୀଡ଼ା ସମ୍ପାଦକ ବିଭୂତି ଭୂଷଣ ପଣ୍ଡା, ବରିଷ୍ଠ ସଦସ୍ୟ ଡ. ସିଦ୍ଧେଶ୍ୱର ମିଶ୍ର, ଗ୍ରାମାଞ୍ଚଳ କ୍ରୀଡ଼ା ସମ୍ପାଦକ ସୁଧାଂଶୁ ସେଠ ଓ କ୍ରୀଡ଼ାବିତ ଶ୍ରୀକାନ୍ତ ରାଉତ ଯୋଗ ଦେଇଥିଲେ। ଫୁଟବଲ ସମ୍ପାଦକ ଶରତ ନନ୍ଦ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ। ସଞ୍ଜୀବ କୁଦେଇ, ମଳୟ ଘିଭେଲା, ଧନେଶ୍ୱର ସେଠ, ନରସିଂସ୍ୱାମୀ ନାଇଡୁ, ଜିତେନ୍ଦ୍ର ପାତ୍ର, ଦୋଳଗୋବିନ୍ଦ ମୁଣ୍ଡା, ଯଶୋବନ୍ତ ମାଝୀ ଓ ସୁଦର୍ଶନ ସେଠ ପରିଚାଳନା କରିଥିଲେ।

## ପିଏମ୍‌ଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ



ବଲାଙ୍ଗିର, ୧୦।୪(ସମିସ): ସ୍ଥାନୀୟ ଗାନ୍ଧୀନଗରପଡ଼ାସ୍ଥିତ ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରବୀର ପଣ୍ଡା, ସମ୍ମାନୀତ ଅତିଥି ରୂପେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସ୍ୱରୂପା ମଞ୍ଜରୀ ସାମନ୍ତରା, ବରିଷ୍ଠ ଶିକ୍ଷୟିତ୍ରୀ ନୂତନ ନାୟକ ମଞ୍ଚାସୀନ ଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିଭଳି ଶ୍ରେଷ୍ଠ ଛାତ୍ରୀ ରୂପେ ଦଶମ ଶ୍ରେଣୀର ଅଙ୍କିତା ବିଶ୍ୱାଳ, ଶ୍ରେଷ୍ଠ ଏନସିସି କ୍ୟାଡେଟ ଭାବେ ଅର୍ପିତା ମନହିରା, ଶ୍ରେଷ୍ଠ ଗାଇଡ଼ ଭାବେ ମନୀଷା ପାଣିଗ୍ରାହୀ, ଜୁନିଅର ରେଡକ୍ରସର ଶ୍ରେଷ୍ଠ ଜୁନିଅର ଭାବେ ଦମୟନ୍ତୀ ଖୁଆସ, ଶ୍ରେଷ୍ଠ ଶୃଙ୍ଖଳିତ ଛାତ୍ରୀ ରୂପେ ପ୍ରିୟଙ୍କା ରଣାଙ୍କୁ ଟ୍ରଫି ଓ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ତଥା ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସେବାଶ୍ରୀ ଭୋଇ ସଭାପତିତ୍ୱ କରିଥିଲେ। ଶିକ୍ଷୟିତ୍ରୀ ସବିତା ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିକ୍ଷକ ସୁରେଶ ବାରିକ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଶେଷରେ ବରିଷ୍ଠ ଶିକ୍ଷୟିତ୍ରୀ ନୂତନ ନାୟକ ଧନ୍ୟବାଦ ଦେଇଥିଲେ।

## କ୍ଷତିପୂରଣ ପାଇଁ ତହସିଲଦାରଙ୍କୁ ଦାବିପତ୍ର



ବେଲପଡ଼ା, ୧୦।୪(ସମିସ): କୁଆପଥର ଜନିତ ବର୍ଷାର କ୍ଷୟକ୍ଷତି ଆକଳନ କରି ତୁରନ୍ତ ସରକାରୀ ସହାୟତା ପ୍ରଦାନ କରାଯାଉ। କଂସାପଲା ଗାଁର ଲୋକ ଏଭଳି ଦାବି ନେଇ ବଲାଙ୍ଗୀର ଜିଲ୍ଲା ବେଲପଡ଼ା ତହସିଲ ଅଫିସରେ ବିକ୍ଷୋଭ କରିବା ସହ ପ୍ରତିବାଦ କରିଛନ୍ତି। ଏହାସହ ତହସିଲଦାର ଅଭିଷେକ କିସାନଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଲୋକଙ୍କ ଅଭିଯୋଗ ଯେ, କୁଆପଥର ବର୍ଷାରେ ଅନେକ ଲୋକଙ୍କ ପନିପରିବା ନଷ୍ଟ ହେବା ସହ ଘରଦ୍ୱାର ଭାଙ୍ଗିଛି। ଏମିତି କି ଜଙ୍ଗଲଜାତ ଦ୍ରବ୍ୟ ମଧ୍ୟ ବେଶ୍ କ୍ଷତି ହୋଇଛି। ଏହାଫଳରେ ସ୍ଥାନୀୟ ଲୋକ ଭାଙ୍ଗି ପଡ଼ିଛନ୍ତି। ଏବେ କେମିତି ଚଳିବେ, କେଉଁଠି ରହିବେ ତାକୁ ନେଇ ଚିନ୍ତା ପଡ଼ିଯାଇଛନ୍ତି।

# କାଳବୈଶାଖୀ କ୍ଷତିଗ୍ରସ୍ତଙ୍କୁ ସ୍ୱତନ୍ତ୍ର ପ୍ୟାକେଜ୍ ଦାବି



- ଉପଜିଲ୍ଲାପାଳଙ୍କୁ ଦାବିପତ୍ର ଦେଲା ଜନମଞ୍ଚ ସିଭିଲ ସୋସାଇଟି
- ଦାବି ପୂରଣ ନ ହେଲେ ୧୩ରୁ ଗଣଧାରଣା

ପାଟଣାଗଡ଼, ୧୦।୪(ସମିସ)

ପାଟଣାଗଡ଼ ଉପଖଣ୍ଡରେ ଗତ ସୋମବାର କୁଆପଥର ମାଡ଼ ସହ କାଳବୈଶାଖୀ ତାଣ୍ଡବ ଉପଖଣ୍ଡବାସୀଙ୍କ ଜୀବନ ଜୀବିକା ଉଜାଡି ଦେଇଛି। କୁଆପଥର ମାଡ଼ରେ ଉପଖଣ୍ଡ ଅଞ୍ଚଳରେ ହଜାର ହଜାର ଘର ଭାଙ୍ଗିବା ସହ ପ୍ରାୟ ୪୩୦ ହେକ୍ଟର ଫସଲ ନଷ୍ଟ ହୋଇଛି। କୁଆପଥର ମାଡ଼ ଓ କାଳବୈଶାଖୀ ପ୍ରଭାବରେ ହୋଇଥିବା କ୍ଷତିଗ୍ରସ୍ତଙ୍କ ପାଇଁ ୫୦୦ କୋଟିର ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରାଯାଉ। ଏଭଳି ଦାବି ନେଇ ଜନମଞ୍ଚ ସିଭିଲ ସୋସାଇଟି ସଭାପତି ଡିଙ୍ଗର କୁମ୍ଭାରଙ୍କ ନେତୃତ୍ୱରେ ପାଟଣାଗଡ଼ ଉପଜିଲ୍ଲାପାଳ ସୁନିଲ ମେହେରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବି ପତ୍ର ପ୍ରଦାନ କରାଯାଇଛି।

ଦାବିପତ୍ର ଅନୁସାରେ ପାଟଣାଗଡ଼ ଉପଖଣ୍ଡ ଅଞ୍ଚଳର ପାଟଣାଗଡ଼, ବେଲପଡ଼ା ଓ ଖପ୍ରାଖୋଲ ବ୍ଲକ ଅଞ୍ଚଳର ଗାଁ ଗୁଡିକରେ କୁଆପଥର ମାଡ଼ରେ ବ୍ୟାପକ କ୍ଷୟ କ୍ଷତି ହୋଇଛି। ବିଶେଷ ଭାବେ ପାଟଣାଗଡ଼ ବ୍ଲକର ଠକପଡ଼ା, କେରବେଡା, ବାଞ୍ଜିଝାଳ, ଯୋଗିମୁଣ୍ଡା, ପଣ୍ଡାମୁଣ୍ଡା, ଖପ୍ରାଖୋଲ ବ୍ଲକର ରେଙ୍ଗାଲଜୁରୀ ଓ ଚଙ୍ଗରିଆରେ ଅତ୍ୟଧିକ କ୍ଷୟକ୍ଷତି ହୋଇଛି। ଏହା ଫଳରେ ଅଞ୍ଚଳର ଚାଷୀଙ୍କ କୋଟି କୋଟି ଟଙ୍କାର ଫସଲ ନଷ୍ଟ ହେବାସହ ଘରଦ୍ୱାର ଭାଙ୍ଗି ଯାଇଛି। ଏହାର ପ୍ରଭାବରେ ଚାଷୀର ମେରୁଦଣ୍ଡ ଭାଙ୍ଗିଯାଇଛି। ଅନେକ ଗାଁରେ ସ୍କୁଲ ଭାଙ୍ଗିଯିବା ଯୋଗୁଁ ଛାତ୍ରଛାତ୍ରୀ ଶିକ୍ଷଦାନରୁ ବଞ୍ଚିତ ରହିଛନ୍ତି। ପ୍ରଶାସନ ତରଫରୁ ଲୋକଙ୍କୁ ଶୁଖିଲା ଖାଦ୍ୟ ସହ ରନ୍ଧା ଖାଦ୍ୟ ବଣ୍ଟନ ହେବାସହ ଘର କ୍ଷତିଗ୍ରସ୍ତ ପରିବାର ପାଇଁ ପଲିଥିନ ବଣ୍ଟନ ହୋଇଛି। ଓଡ଼ିଶାରେ ସରକାର ପଲିଥିନ ବନ୍ଦ କରିଥିବା ସତ୍ତ୍ୱେ ନିୟମ ଉଲ୍ଲଘଂନ କରି କାହିଁକି ପଲିଥିନ ବଣ୍ଟନ କରାଯାଇଛି ବୋଲି ପ୍ରଶ୍ନ କରାଯାଇଛି। ଏହାଫଳରେ ଖରା ହେଉଥିବାରୁ ଏହାର କୁପ୍ରଭାବ ପଡ଼ିବ। ଏହା ଲୋକଙ୍କ ପାଇଁ ବିପଦ ସାଜିପାରେ। ତେଣୁ ଏହାର ବିକଳ୍ପ ପନ୍ଥା କରାଯାଉ ବୋଲି ଦାବି ପତ୍ରରେ ଦର୍ଶା ଯାଇଛି। ସେହିଭଳି କୃଷି, ଉଦ୍ୟାନ, ରାଜସ୍ୱ ଓ ବ୍ଲକ ପ୍ରଶାସନ ତରଫରୁ କ୍ଷୟକ୍ଷତି ଆକଳନ କରାଯାଉଛି। ସେହି କ୍ଷତିପୂରଣ କ୍ଷତିଗ୍ରସ୍ତଙ୍କ ପାଇଁ ସମୁଦ୍ରକୁ ଶଙ୍ଖେ ସଦୃଶ। ତେଣୁ ଏହି ବିପର୍ଯ୍ୟୟକୁ ପ୍ରାକୃତିକ ଘୋଷଣା କରାଯାଉ। କ୍ଷତିଗ୍ରସ୍ତଙ୍କ ସହ ପାଟଣାଗଡ଼ ଉପଖଣ୍ଡ ଅଞ୍ଚଳର ବିକାଶ ପାଇଁ ରାଜ୍ୟ ସରକାର କ୍ୟାବିନେଟରେ ୫ଶହ କୋଟି ଟଙ୍କାର ସ୍ୱତନ୍ତ୍ର ପ୍ୟାକେଜ ମଞ୍ଜୁର କରନ୍ତୁ ବୋଲି ଦାବି କରାଯାଇଛି। ସ୍ୱତନ୍ତ୍ର ପ୍ୟାକେଜ ମଞ୍ଜୁର ହେଲେ କେବଳ କ୍ଷତିଗ୍ରସ୍ତ ନୁହେଁ; ସରକାରୀ ସ୍ଥାନରେ ହୋଇଥିବା କ୍ଷୟକ୍ଷତି ସହ ଉପଖଣ୍ଡ ଅଞ୍ଚଳର ୩ଟି ବ୍ଲକର ବିକାଶ ହୋଇପାରିବ। ଅଞ୍ଚଳର ସ୍ୱାର୍ଥ ଦୃଷ୍ଟିରୁ ଓ ଜନସାଧାରଣଙ୍କ ହିତ ପାଇଁ ଏହି ଦାବି ପୂରଣ ନ ହେଲେ ରାଜ୍ୟ ସରକାର ପଶ୍ଚିମ ଓଡ଼ିଶା ତଥା ଉପଖଣ୍ଡବାସୀଙ୍କ ପାଇଁ ବୈମାତୃକ ମନୋଭାବ ରଖିଥିବା ସ୍ପଷ୍ଟ ହେବ ବୋଲି କୁହାଯାଇଛି। ଏହି ଦାବି ପୂରଣ ନ ହେଲେ ୧୩ ତାରିଖରୁ ଆମରଣ ଅନଶନ ସହ ଭୟଙ୍କର ଆନ୍ଦୋଳନ କରାଯିବ ବୋଲି ଶ୍ରୀ କୁମ୍ଭାର କହିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ଶାନ୍ତନୁ ବୁଦ୍ଧିଆ, ନୃପବାଗ, ତପିସା କୁମ୍ଭାର, ଅଜିତ ପୁରୋହିତ, ଦିଲୀପ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

ସକାଳ THE SAKALA



www.sakalaepaper.com

## ଲକ୍ଷ୍ମୀପ୍ରସାଦରେ ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ

# ସମ୍ବର୍ଦ୍ଧିତ ହେଲେ ଲୋକକଳାକାର



ଜହ୍ନାପଙ୍କ,୧୦।୪(ସମିସ)

ବୌଦ୍ଧ ବ୍ଲକ୍ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଲୋକକଳା ଗ୍ରାମ ନାରାୟଣନଗର କଲ୍ୟାଣମଣ୍ଡପରେ ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବୌଦ୍ଧ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ସମ୍ମାନିତ ଅତିଥି ଭାବେ ବୌଦ୍ଧ ବ୍ଲକ ଅଧକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ବୌଦ୍ଧ ବିଡିଓ ଯୁଗଳ କିଶୋର ସାମଲ, ଲକ୍ଷ୍ମୀପ୍ରସାଦ ସରପଞ୍ଚ ଭାରତୀ ପୁରୋହିତ, ହରଭଙ୍ଗା କଳା ସଂସ୍କୃତି ସଙ୍ଘ ସଭାପତି ବୈକୁଣ୍ଠ ମହାକୁଡ଼, ବୌଦ୍ଧ ବ୍ଲକ କଳା ସଂସ୍କୃତି ସଙ୍ଘ ଉପ ସଭାପତି ସ୍ୱାଧୀନ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ବୌଦ୍ଧ ଉପ ଜିଲ୍ଲାପାଳ ବିନୟ ଭୋଇ ଅଧକ୍ଷତା କରିଥିବାବେଳେ ବୌଦ୍ଧ ବ୍ଲକ ଅତିରିକ୍ତ ଗୋଷ୍ଠୀ ଅଧିକାରୀ କମଳାକାନ୍ତ ଦଳବେହେରା ସଭା ସଂଯୋଜନା କରିଥିଲେ। ଏହି ଅବସରରେ ହରଭଙ୍ଗା ବ୍ଲକର ଦାସକାଠିଆ ଗାୟକ ବୃକଡୋର ବହୁକ, ବୀଣାକାର ଭାବେ ସଚ୍ଚିଦାନନ୍ଦ ଦଳ ବେହେରା, ହରଭଙ୍ଗା ଉପ ସଭାପତି ବୈକୁଣ୍ଠ ମହାକୁଡ଼ ଏବଂ ବୌଦ୍ଧ ବ୍ଲକର ସୌମିତ୍ରୀ ମାଟିଆ, ସ୍ୱାଧୀନ ପରିଡା, ସମୀର ଭୋଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଲୋକକଳା ଗ୍ରାମ ନାରାୟଣନଗରର ଶ୍ରୀ ଶ୍ରୀ ରାମଲୀଳା ସାଂସ୍କୃତିକ ପରିଷଦର ବୃନ୍ଦାବନ ମେହେର, ନକୁଳ ମେହେର, ହରି ମେହେର, ଲିଙ୍ଗରାଜ ଜେନା ଏବଂ ଉଦଘୋଷାକ ଜଗନ୍ନାଥ ସାହୁଙ୍କୁ ଅତିଥିଗଣ ସମ୍ବର୍ଦ୍ଧିତ କରିଥିଲେ। ସିଆରପି ଅଞ୍ଜଳି ମେହେର, କ୍ଷୀରାବତୀ ମେହେର, ଲକ୍ଷ୍ମୀପ୍ରସାଦ ଭିଏଡବ୍ଲୁ ଶରତ ପୁରୋହିତ, ଯୋଗାଣ ସହାୟକ ଚିତ୍ତରଞ୍ଜନ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ତରଭାରେ ୨୫ ବରିଷ୍ଠ କଳାକାର ସମ୍ବର୍ଦ୍ଧିତ



ତରଭା,୧୦।୪(ସମିସ): ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ ସଭାଗୃହରେ ଶୁକ୍ରବାର ପୂର୍ବାହ୍ନରେ ଓଡ଼ିଆ ପକ୍ଷ ପାଳନ ଅବସରରେ ଲୋକ କଳାକାର ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ତରଭା ବ୍ଲକ ଏବଂ ଏନଏସି ଅଞ୍ଚଳର ୨୫ ଜଣ ବରିଷ୍ଠ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ବଲାଙ୍ଗୀର ସାଂସଦଙ୍କ ତରଭା ଏନଏସି ପ୍ରତିନିଧି ମାନସ ସାହୁ, ବ୍ଲକ୍ କଳା ସଂସ୍କୃତି ସଂଘର ଉପସଭାପତି ମାନଭଞ୍ଜନ ମିଶ୍ର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଲୋକ କଳାକାରମାନେ ନିଜର ଜୀବନ ଓ ରକ୍ତ ଢାଳି ଓଡ଼ିଶାର ଲୋକକଳାକୁ ବଞ୍ଚାଇ ରଖିଛନ୍ତି। ସେମାନଙ୍କ ସ୍ୱର, ନାଚ, ବାଦ୍ୟ ଓ ସେମାନଙ୍କ କଥା ହିଁ ଲୋକଙ୍କ ଆତ୍ମା। ଯେତେବେଳେ ଆଧୁନିକତାର ଝଡ଼ ପରମ୍ପରାକୁ ଉଡାଇ ନେବାକୁ ଚେଷ୍ଟା କରୁଛି ଠିକ୍ ସେହି ସମୟରେ ଏହି ଲୋକକଳାକାରମାନେ କଳାର ମଶାଲ ଜଳାଇ ରଖିଛନ୍ତି। ସେମାନଙ୍କ କଣ୍ଠରୁ ବାହାରୁଥିବା ସ୍ୱର, ପାଦରୁ ଉଠୁଥିବା ପ୍ରତ୍ୟେକ ତାଳ ଓ ହାତରୁ ବାହାରୁଥିବା ପ୍ରତ୍ୟେକ ଶବ୍ଦ ମନେ ପକାଇ ଦେଉଛି ଯେ ଲୋକକଳା କେବଳ ଏକ କଳା ନୁହେଁ। ଏହା ମଣିଷ ସମାଜର ଆତ୍ମାର ପ୍ରକାଶ। ଲୋକକଳାକାରମାନେ ଯେଉଁ କଷ୍ଟ, ସଂଘର୍ଷ ଓ ତ୍ୟାଗ କରି ଗୋଟିଏ ଗୋଟିଏ ଲୋକକଳାକୁ ବଞ୍ଚାଇ ରଖିଛନ୍ତି ଚିରକାଳ ସ୍ମରଣୀୟ ହୋଇ ରହିବେ ବୋଲି ଅତିଥିମାନେ କହିଥିଲେ। ବିଡିଓ ଶିବାନନ୍ଦ କର୍ମୀ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ କର୍ଣ୍ଣ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ବିକ୍ରମ ବିଶି ଏବଂ କିଶୋର ଧରୁଆ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବୌଦ୍ଧ ଡାକ୍ତରଖାନା ଛାତରୁ ଡେଇଁ ମହିଳାଙ୍କ ଆତ୍ମହତ୍ୟା ଉଦ୍ୟମ

ବୌଦ୍ଧ,୧୦।୪(ସମିସ): ବୌଦ୍ଧ ଜିଲ୍ଲା ଡାକ୍ତରଖାନାର ଛାତ ଉପରୁ ତଳକୁ ଡେଇଁ ଜଣେ ମହିଳା ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଏହି ମହିଳା ଜଣକ ହେଲେ ବଘୁଆକଟା ଗ୍ରାମର ରଶ୍ମିତା ଭୋକ୍ତା। ଗୁରୁବାର ସେ ବିଷ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପରିବାର ଲୋକେ ବୌଦ୍ଧ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଶୁକ୍ରବାର ସକାଳେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ



ସୁଧାର ଆସିଥିଲା। ସେ କ୍ରମଶଃ ସୁସ୍ଥ ହେଉଥିଲେ। ଶୁକ୍ରବାର ଦିନ ୧୦ଟାରେ ଶଯ୍ୟାରୁ ଉଠି ଡାକ୍ତରଖାନାର ଛାତ ଉପରୁ ପଳାଇଥିଲେ। ସେଠାରୁ ଡେଇଁ ଆଉ ଥରେ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତାଙ୍କ ଗୋଡ, ଅଣ୍ଟା ଓ ମୁଣ୍ଡରେ ଗଭୀର ଆଘାତ ହୋଇଛି। ତାଙ୍କୁ ତୁରନ୍ତ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ବୁର୍ଲା ଭୀମସାର ସ୍ଥାନାନ୍ତର କରାଯାଇଛି। ବୌଦ୍ଧ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ୧୩୫ କେଜି ଗଞ୍ଜେଇ ଜବତ



ବୌଦ୍ଧ,୧୦।୪(ସମିସ): ବୌଦ୍ଧ ଜିଲ୍ଲା ଅବକାରୀ ମୋବାଇଲ ସ୍କ୍ୱାଡ୍ ପଲ୍ଟେଇ ନିକଟରୁ ୧୩୫ କେଜି ଗଞ୍ଜେଇ ଜବତ କରଛି। ଇନ୍ସପେକ୍ଟର ଶରତ ମିଶ୍ରଙ୍କ ନେତୃତ୍ୱରେ ଚଢଉ କରାଯାଇଥିଲା। ଚାଲାଣ ପାଇଁ ରଖା ଯାଇଥିବା ୩ ବସ୍ତା ଗଞ୍ଜେଇ ଜବତ କରାଯାଇଥିଲା। ଓଜନ କରାଯିବାରୁ ତାହା ୧୩୫ କେଜି ହୋଇଥିଲା। ଏ ସମ୍ପର୍କରେ ଏକ ମାମଲା ରୁଜୁ କରି ଜବତ ଗଞ୍ଜେଇକୁ କୋର୍ଟରେ ପ୍ରଦର୍ଶନ କରାଯାଇଛି। ଚଢଉ ସମୟରେ ହରଭଙ୍ଗା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଅସୀତ ପ୍ରଧାନ, କନେଷ୍ଟବଳ ସତ୍ୟ ନନ୍ଦନ ମୁଖି, ପ୍ରଫୁଲ୍ଲ ଭୋକ୍ତା, ବିଜୁ ବାଘ, ପଞ୍ଚମୀ ବେହେରା ଓ ସୁଜିତ ସାହୁ ସାମିଲ ହୋଇଥିଲେ।

## ଜିଲ୍ଲା ଷ୍ଟାଡିୟମରେ ସିଏମ୍ ଟ୍ରଫି ଉଦ୍‌ଘାଟିତ



ବୌଦ୍ଧରେ ଚାଲିଥିବା ରାମଲୀଳା ଅବସରରେ ନାଟକ ମହିରାବଣ ବଧର ଦୃଶ୍ୟ

ବୌଦ୍ଧ, ୧୦।୪ (ସମିସ): ବୌଦ୍ଧ ଜିଲ୍ଲା ଷ୍ଟାଡିୟମରେ ସିଏମ୍ ଟ୍ରଫି ଉଦ୍‌ଘାଟିତ ହୋଇଛି। ଏହି କ୍ରୀଡା ଉତ୍ସବକୁ ବୌଦ୍ଧ ଜିଲ୍ଲାପାଳ ବିଭୁତି ଭୂଷଣ ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ସମ୍ମାନୀତ ଅତିଥି ଭାବେ ବୌଦ୍ଧ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଜିଲ୍ଲା ମଙ୍ଗଳ ଅଧିକାରୀ ସୂର୍ଯ୍ୟନାରାୟଣ ବେହେରା , ଜିଲ୍ଲା କ୍ରୀଡା ଅଧିକାରୀ ଜ୍ୟୋତିରଞ୍ଜନ ଭୁଏ, ବୌଦ୍ଧ ଜିଲ୍ଲା କ୍ରୀଡା ସଙ୍ଘ ସାଧାରଣ ସମ୍ପାଦକ ଯୁଗଳ କିଶୋର ସାମଲ ପ୍ରମୁଖ ଯୋଗଦେଇ କ୍ରୀଡା ସଂଘର ପତାକା ଉତ୍ତୋଳନ କରିଥିଲେ। ଉଦଘାଟନୀ ଫୁଟବଲ ମ୍ୟାଚ ବାଳକ ବିଭାଗରେ ଭିଏସଏସ ମନୁପାଲି ଏବଂ ବୌଦ୍ଧ ମୁନସିପାଲିଟି ଏ ମଧ୍ୟରେ ଅନୁଷ୍ଠିତ ହୋଇଥିଲା।



ଭିଏସଏସ ମନୁପାଲି ୫-୦ ଗୋଲରେ ବିଜୟୀ ହୋଇଛି। ସେହିଭଳି ବୌଦ୍ଧ ମୁନିସିପାଲିଟି ସି ଏବଂ ବୌଦ୍ଧ ବ୍ଲକ ଏ ମଧ୍ୟରେ ଅନୁଷ୍ଠିତ ବାଳକ ବିଭାଗ ଦ୍ୱିତୀୟ ଫୁଟବଲ ମ୍ୟାଚରେ ବୌଦ୍ଧ ବ୍ଲକ ଏ ୮-୦ ଗୋଲରେ ବିଜୟୀ ହୋଇଛି। ଅନ୍ୟପକ୍ଷେ ବାଳକ ବିଭାଗ କବାଡି ପୁରୁଣାକଟକ ସରକାରୀ ଉଚ୍ଚବିଦ୍ୟାଳୟ ଏବଂ ବୁଢୀପଦର ପିସିଏଚଏସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପୁରୁଣାକଟକ ବିଜୟୀ ହୋଇଛି। ବାଳକ ବିଭାଗ ଦ୍ୱିତୀୟ କବାଡି ମ୍ୟାଚ ହରଭଙ୍ଗା ବ୍ଲକ ସରସରା ଏବଂ ଜିଏନଏଚଏସ ଜହ୍ନାପଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ହରଭଙ୍ଗା ବ୍ଲକ ସରସରା ବିଜୟୀ ହୋଇଛି। ୨୪ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ। ଫୁଟବଲ, ଭଲିବଲ, କବାଡି, ଖୋଖୋରେ ଉଚ୍ଚ ବିଦ୍ୟାଳୟସ୍ତରରୁ ଉଭୟ ବାଳକ ଏବଂ ବାଳିକା ବିଭାଗରେ ପ୍ରତିଭା ଚୟନ କରାଯାଇ ଜିଲ୍ଲାସ୍ତରୀୟ ଟିମ୍ ଗଠନ କରାଯିବ। ପରବର୍ତ୍ତୀ ପର୍ଯ୍ୟାୟରେ ଜୋନସ୍ତରୀୟ ଏବଂ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହେବ।

## ଜଙ୍ଗଲରୁ ୧୬୫ କେଜି ଗଞ୍ଜେଇ ଜବତ

ବୌଦ୍ଧ,୧୦।୪(ସମିସ): ବୌଦ୍ଧ ଅବକାରୀ ବିଭାଗ ଡଙ୍ଗାଖୋଲ ନିକଟ ଜଙ୍ଗଲରୁ ୧୬୫ କେଜି ଗଞ୍ଜେଇ ଜବତ କରିଛି। ବୌଦ୍ଧ ଅବକାରୀ ରେଞ୍ଜ ପକ୍ଷରୁ ବଘିଆପଡା-ଶଗଡା ରାସ୍ତାରେ ପାଟ୍ରୋଲିଂ ଚାଲିଥିବା ସମୟରେ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ଡଙ୍ଗାଖୋଲ ଗ୍ରାମ ଦକ୍ଷିଣ ପାଶ୍ୱର୍ ଜଙ୍ଗଲରେ ଇନ୍ସପେକ୍ଟର ଦିଲ୍ଲୀପ ଶତପଥୀଙ୍କ ନେତୃତ୍ୱରେ ଚଢଉ କରାଯାଇଥିଲା। ଚାଲାଣ ପାଇଁ ମହଜୁଦ୍ ରଖା ଯାଇଥିବା କେଜି ଗଞ୍ଜେଇ ଜବତ କରାଯାଇଥିଲା।



ଏ ସମ୍ପର୍କରେ ଏକ ମାମଲା ରୁଜୁ କରି ଜବତ ଗଞ୍ଜେଇକୁ କୋର୍ଟରେ ପ୍ରଦର୍ଶନ କରାଯିବ ବୋଲି ଇନ୍ସପେକ୍ଟର ଦିଲ୍ଲୀପ ଶତପଥୀ ସୂଚନା ଦେଇଛନ୍ତି। ଚଢଉରେ ବୌଦ୍ଧ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ସତ୍ୟ ନାରାୟଣ ପ୍ରଧାନ, କନେଷ୍ଟବଳ ଲୋକନାଥ ଭୋଇ, ରାଜକିଶୋର କହଁର, ଅଞ୍ଜଳି ଅମାତ ପ୍ରମୁଖ ସାମିଲ ଥିଲେ।

## ୧୨ରେ ହନୁମାନ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ମହୋତ୍ସବ

ଶଗଡା,୧୦।୪(ସମିସ): ବୌଦ୍ଧ ଜିଲ୍ଲା ସଦର ବ୍ଲକ୍ ଦହ୍ୟା ପଞ୍ଚାୟତ ଖଇରମାଲ ଗ୍ରାମରେ ନବନିର୍ମିତ ହନୁମାନ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଅନୁଷ୍ଠିତ ହେବ। ୧୨ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ୪ଦିନ ଧରି ଏହି ମହୋତ୍ସବ ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ସୋମବାର ରତ୍ନମୁଦ ପ୍ରତିଷ୍ଠା, ରାମାୟଣ ପାରାୟଣ, ମଙ୍ଗଳବାର ବିଗ୍ରହ ପ୍ରବେଶ, ଅଷ୍ଟପ୍ରହର ନାମଯଜ୍ଞ ଓ ବୁଧବାର ଦେବତାଙ୍କ ନଗର ଭ୍ରମଣ ସହ ମନ୍ଦିର ପ୍ରତିଷ୍ଠା ସମାରୋହ ଉଦ୍‌ଯାପିତ ହେବ।

## ରାସ୍ତା ପାଇଁ କୁଚପାଜୁ ଗ୍ରାମବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ



ବୌଦ୍ଧ,୧୦।୪(ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ ଆଡେଣୀଗଡ ପଞ୍ଚାୟତ କୁଚପାଜୁ ଗ୍ରାମର ଅଧିବାସୀ ରାସ୍ତା ପାଇଁ ଅସନ୍ତୋଷ ପ୍ରକାଶ କରିଛନ୍ତି। ଆଦିମ ଅଧିବାସୀ ଏକତା ମଞ୍ଚର ଜନ ସାଥୀ ପ୍ରଦୀପ କହଁରଙ୍କ ନେତୃତ୍ୱରେ ସେମାନେ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଗ୍ରାମକୁ ରାସ୍ତା ନିର୍ମାଣ ପାଇଁ ଜିଲ୍ଲାପାଳଙ୍କୁ ଦାବି କରିଛନ୍ତି। ପଞ୍ଚାୟତ ସଦର ମହକୁମା ଆଡେଣୀଗଡଠାରୁ କୁଚପାଜୁ ଗ୍ରାମର ଦୂରତା ପ୍ରାୟ ୪ କିଲୋ ମିଟର। ଏହି ଗ୍ରାମକୁ ଯିବାକୁ ହେଲେ ଦୁଇଟି ଛୋଟ ଛୋଟ ପାହାଡ ଅତିକ୍ରମ କରିବାକୁ ପଡୁଛି। ଏହାଫଳରେ ଲୋକେ ଯାତାୟତରେ ସମସ୍ୟା ଭୋଗ କରୁଥିବା ଅଭିଯୋଗ କରିଛନ୍ତି। ଗ୍ରାମକୁ ରାସ୍ତା ନ ଥିବା ହେତୁ ନଳକୂପ ଖନନ ମେସିନ ପହଞ୍ଚି ପାରୁନି। ଏଣୁ ଲୋକେ ପାନୀୟ ଜଳ ସମସ୍ୟା ଭୋଗ କରୁଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣ ଲାଗି ସିମେଣ୍ଟ, ଛଡ଼, ଇଟା ଆଦି ଗ୍ରାମରେ ପହଞ୍ଚି ପାରୁପାରୁନି। ସେହିଭଳି ଜରୁରୀକାଳୀନ ସମୟରେ ଆମ୍ବୁଲାନ୍ସ, ପୁଲିସ, ଦମକଳ ମଧ୍ୟ ଗାଁକୁ ଯାଇପାରୁନି ବୋଲି ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରି ରାସ୍ତା ନିର୍ମାଣ ପାଇଁ ଦାବି କରିଛନ୍ତି।

## ତୁଳସୀ ରାମାୟଣ, ନବାହ୍ନ ପାରାୟଣ



କଣ୍ଟାମାଳ, ୧୦।୪ (ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକଛକ ଶ୍ରୀରାମ ମନ୍ଦିରଠାରେ ତୁଳସୀ ରାମାୟଣ ଓ ନବାହ୍ନ ପାରାୟଣ ଚାଲିଛି। ବ୍ୟାସ ମଧୁସୂଦନ ଦାସ ପ୍ରବଚନ ଦେଇଥିଲେ। ହରିବନ୍ଧୁ ପୁରୋହିତ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ସନତ ମିଶ୍ର ପୌରୋହିତ୍ୟ କରିଥିବାବେଳେ ବାଳକୃଷ୍ଣ ମିଶ୍ର ସହଯୋଗ କରିଥିଲେ।

## ବାଇକ୍‌ରୁ ୨୫ କେଜି ଗଞ୍ଜେଇ ଜବତ

ଶଗଡା/ମନମୁଣ୍ଡା,୧୦।୪(ସମିସ): ମନମୁଣ୍ଡା ଥାନା ପୁଲିସ ଗଞ୍ଜେଇ, ବାଇକ୍ ଓ ବିପୁଳ ଟଙ୍କା ସହ ଜଣେ ମାଫିଆକୁ ଗିରଫ କରିଛି। ଏକ ବାଇକ୍‌ରେ ଗଞ୍ଜେଇ ଚାଲାଣ ହେଉଥିବା ମନମୁଣ୍ଡା ପୁଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲା। ସେହି ଅନୁସାରେ ଆଜି ସକାଳେ ଶଗଡା ଫାଣ୍ଡି ଶିଗାଡି ଗ୍ରାମ ନିକଟରେ ଚଢ଼ଉ କରାଯାଇଥିଲା। ପୁଲିସ ଏକ ବାଇକରୁ ୨୫ କେଜି ଗଞ୍ଜେଇ ଜବତ କରିବା ସହ ନଗଦ ୧ଲକ୍ଷ ୪୩ ହଜାର ୪୨୦ ଟଙ୍କା ଜବତ କରିଛି। ଗିରଫ ମାଫିଆ ହେଲେ ଅଶିନବିର ଗ୍ରାମର ବିଭୁତି ଭୂଷଣ ମହାକୁଡ। ଏ ସଂକ୍ରାନ୍ତରେ ମନମୁଣ୍ଡା ଥାନାରେ ଏକ



ମାମଲା ରୁଜୁ କରାଯାଇଛି। ମାଫିଆକୁ କୋର୍ଟ ଚାଲାଣ କରାଯାଇଛି। ଗଞ୍ଜେଇ ଚାଲାଣ ଉପରେ ପୁଲିସର କଡ଼ା ନଜର ରହିଛି। ଗଞ୍ଜେଇ ମୁକ୍ତ ଅଭିଯାନ ଜାରି ରହିବ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ବୌଦ୍ଧ ଏସ୍‌ଡିପିଓ ଲରେନ ରାଉତରାୟ ସୂଚନା ଦେଇଛନ୍ତି।

## ବଉଳସିଙ୍ଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



କଣ୍ଟାମାଳ/ଶଗଡା,୧୦।୪(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଦପଲା ପଞ୍ଚାୟତ ବଉଳସିଙ୍ଗା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଦ୍ୱିତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷା ଅଧିକାରୀ ଅଶୋଭା ରଞ୍ଜନ ମାଳି, ଏବିଇଓ ଦୁର୍ଗାଚରଣ ପ୍ରଧାନ, ଏବିଇଓ ନୀଳମଣି ପଣ୍ଡା, ଦପଲା ସିଆରସିସି ଶ୍ରୀମନ୍ତ କହଁର, ଶିକ୍ଷକ ଗୋବିନ୍ଦ ମହାକୁଡ଼, ନାରାୟଣ ମହାକୁଡ଼, ଶିକ୍ଷୟିତ୍ରୀ ଅନିତା ମେହେର, ବିଦ୍ୟାଳୟର ପ୍ରଧାନଶିକ୍ଷକ ଦିଲୀପ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନଶିକ୍ଷକ ଦିଲୀପ ମହାନ୍ତି ବିଦ୍ୟାଳୟର ବାର୍ଷିକ ବିବରଣୀ ପଠନ କରିଥିବା ବେଳେ ଶିକ୍ଷକ କେଶବ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ରୋହିତାଶ୍ୱ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସଂଗୀତ, ନୃତ୍ୟ ଆଦି ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କୁନି କୁନି ଛାତ୍ରଛାତ୍ରୀଙ୍କ ଦ୍ୱାରା କଅଁଳି ପତର ନାମକ ଏକ ନାଟକ ପରିବେଷଣ କରାଯାଇଥିଲା।

## ଚିକିତ୍ସାଧୀନ ମହିଳାଙ୍କ ପରଲୋକ

ବୀରମହାରାଜପୁର,୧୦।୪(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ଦେଉଳମୁଣ୍ଡା ଗ୍ରାମର ରଞ୍ଜିତା ଚାନ୍ଦଙ୍କ ୬୦ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ହଠାତ ଅସୁସ୍ଥ ହୋଇ ପଡିବାରୁ ତାଙ୍କୁ ସୋନପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ଚାଲିଥିବାବେଳେ ତାଙ୍କ ପରଲୋକ ଘଟିଛି। ଦୀର୍ଘଦିନ ଧରି ସେ ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ଓ ବାହୁଡା ଯାତ୍ରା ସମୟରେ ସଂକୀର୍ତ୍ତନ ପରିବେଷଣ କରୁଥିଲେ।



## କୋଟସମଲାଇରେ କୁମ୍ଭକର୍ଣ୍ଣ ବଧ



ବୀରମହାରାଜପୁର,୧୦।୪(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ କୋଟସମଲାଇ ରଘୁନାଥ ମନ୍ଦିର ନିକଟରେ ୧୮ ଦିନ ଧରି ୭୫ତମ ରାମଲୀଳା ଉତ୍ସବ ଅନୁଷ୍ଠିତ ହେଉଛି। ଶ୍ରୀ ରଘୁନାଥ ନାଟ୍ୟ କଳାପରିଷଦ (କୋଟସମଲାଇ, ବାହାରିପଡା) ପକ୍ଷରୁ ଏହା ଆୟୋଜିତ ହୋଇଛି। ସରୋଜ ପୂଜାହାରୀ ପୂଜାକାର୍ଯ୍ୟ ସମ୍ପାଦନ କରୁଛନ୍ତି। ବୁଦ୍ଧଦେବ ମେଣ୍ଡିଲି, ଅନାଦି ବସ୍ତିଆ, ଲକ୍ଷିନ୍ଦ୍ର ବସ୍ତିଆ, ଶରଦ କର୍ଣ୍ଣ, ନରେନ୍ଦ୍ର ବାଘ, କିଶୋର ପଧାନ, ରାମଗୋପାଳ ସେଠୀ, ସୁବାଷ ବନଛୋର, ଦିଗାମ୍ବର ଚୈଧୁରୀ, ଚକ୍ରପାଣି ମେଣ୍ଡିଲି ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରୁଛନ୍ତି। ଜାନକୀରାମ ଦେହେରୀ, ମନୋରଞ୍ଜନ ପାଢୀ, ପୂର୍ଣ୍ଣଚନ୍ଦ୍ର ପାଢୀ, ପଞ୍ଚାନନ ମନ୍ତ୍ରୀ, ଚମରା ସେଠୀ ବାଦ୍ୟଯନ୍ତ୍ରରେ ସହଯୋଗ କରୁଛନ୍ତି।

# ଓଡ଼ିଆ ବକ୍ତୃତା ପ୍ରତିଯୋଗିତାରେ ଭାଗନେଲେ ଛାତ୍ରଛାତ୍ରୀ

ବୌଦ୍ଧ,୧୦।୪(ସମିସ)

ବୌଦ୍ଧ ଜିଲ୍ଲା ସଂଗ୍ରହାଳୟରେ ଓଡିଆ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମଧ୍ୟ ଇଂରାଜୀ ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାରେ ଗୌରୀଶଙ୍କର ପବ୍ଲିକ ସ୍କୁଲର ମୌସୁମୀ ସାହୁ ପ୍ରଥମ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଅରବିନ୍ଦ ସାହୁ ଦ୍ୱିତୀୟ, ଉଚ୍ଚ ବିଦ୍ୟାଳୟସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଅଦ୍ରେଧିତ୍ରୀ ପୁରୋହିତ ପ୍ରଥମ, ମେଣ୍ଡିମାଳ ସରକାରୀ ଉଚ୍ଚ ବିଦ୍ୟାଳୟର ଶ୍ରଦ୍ଧା ଶୁଭଦର୍ଶିନୀ ସାହୁ ଦ୍ୱିତୀୟ, ସେଣ୍ଟ ଜାଭିଅର ପବ୍ଲିକ ସ୍କୁଲର ପଦ୍ମଜା ମହାପାତ୍ର ଏବଂ ତେତେଲେଙ୍ଗା ଓଡିଶା ଆଦର୍ଶ ବିଦ୍ୟାଳୟର ରିଦ୍ଧି ମହାକୁଳ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ମହାବିଦ୍ୟାଳୟସ୍ତରୀୟ ବକ୍ତୃତାରେ ଡାଏଟର ପ୍ରାଚୀ ସୁବର୍ଣ୍ଣା ପୁରୋହିତ ପ୍ରଥମ, ଡାଏଟର ସଞ୍ଜୟ ବେହେରା ଦ୍ୱିତୀୟ, ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ମିନତୀ ରଣା ତୃତୀୟ ସ୍ଥାନ ଅଧିକାର କରିଥିଲେ। ଜିଲ୍ଲା ଉନ୍ନୟନ ପରିଷଦର ସଭାପତି ଚିତ୍ତରଞ୍ଜନ ଦାଶ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଅବସରପ୍ରାପ୍ତ ପ୍ରଧାନ ଆଚାର୍ଯ୍ୟ ଶ୍ୟାମସୁନ୍ଦର ମହାପାତ୍ର ବିଚାରକ ଦାୟିତ୍ୱ ତୁଲାଇଥିଲେ।



ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାର ସିଂହ ପରିଚାଳନା କରିଥିବା ବେଳେ ଗ୍ରନ୍ଥାଗାରିକ ଅକ୍ଷୟ କୁମାର ମହାକୁଡ଼, କର୍ମଚାରୀ ବୀର କିଶୋର କର୍ମୀ, ଅମରେଶ ପାଣିଗ୍ରାହୀ, ବାବୁଲାଲ ନାଏକ ସହଯୋଗ କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ଡ. ବି. ଆର୍ ଆମ୍ବେଦକରଙ୍କ ଜୟନ୍ତୀ ଉପଲକ୍ଷେ ଜିଲ୍ଲା ସଂଗ୍ରହାଳୟରେ ୧୪ ତାରିଖ ସକାଳେ ପୁରସ୍କୃତ କରାଯିବ।

# ଜଗନ୍ନାଥ ପଡ଼ା ଛକରେ ଟ୍ରାଫିକ ସମସ୍ୟା



**କେସିଙ୍ଗା, ୧୦।୪(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ସହରରେ ଟ୍ରାଫିକ ସମସ୍ୟା ବହୁ ପୁରୁଣା। ଟ୍ରାଫିକ ସମସ୍ୟା ପାଇଁ ଅନେକ କାରଣ ଥିଲେ ମଧ୍ୟ ସ୍ଥାନୀୟ ପ୍ରଶାସନ କିମ୍ବା ଖୋଦ୍ ଏନ୍ଏସି ଏହାର ସମାଧାନ ପାଇଁ ପ୍ରୟାସ କରୁନାହିଁ। ରାସ୍ତା କଡ଼ର ଠେଲା, ଦୋକାନ ମାନକର ହୋର୍ଡିଂ, ରାସ୍ତା ଉପରେ ବେଆଇନ ଗାଡ଼ି ପାର୍କିଂ, ଅମାନିଆ ଗାଡ଼ି ଚାଳକମାନଙ୍କ ଟ୍ରାଫିକ ନିୟମ ଉଲଙ୍ଘନ, ରାସ୍ତା କଡ଼ରେ ବଡ଼ ବଡ଼ ଦୋକାନର ବିଜ୍ଞାପନ ହୋର୍ଡିଂ ରହିଥିଲେ ମଧ୍ୟ ପ୍ରଶାସନ ଚୁପ୍ ବସିଛି। ସେପଟେ କେସିଙ୍ଗା ପୁଲିସ ପକ୍ଷରୁ ସ୍ଥାନୀୟ ଜଗନ୍ନାଥ ମନ୍ଦିର ଛକଠାରେ ଟ୍ରାଫିକ ସମସ୍ୟା ନ ଉପୁଜିବା ପାଇଁ ଜଣେ ପୁଲିସ କର୍ମଚାରୀଙ୍କୁ ଦାୟିତ୍ୱ ଦିଆଯାଇଛି। କିନ୍ତୁ ସେ ପ୍ରାୟ ସମୟରେ ଟ୍ରାଫିକ ପୋଷ୍ଟରେ ଦେଖା ନଯାଇ ରାସ୍ତା କଡ଼ରେ ଥିବା ଦୋକାନରେ ଦେଖା ଯାଆନ୍ତି। ସନ୍ଧ୍ୟା ୭ ରୁ ୭.୩୦ ମଧ୍ୟରେ ପୁଲିସ ଟ୍ରାଫିକ୍ ଛାଡି ଛୁ ହୋଇ ଯାଆନ୍ତି। ତାହା ପରେ ଆରମ୍ଭ ହୁଏ ଟ୍ରାଫିକ ସମସ୍ୟା। ଭାରୀଯାନ ଗୁଡ଼ିକ ଠିକ ରାତି ୮ ହେଲେ ସହର ଭିତରକୁ ପ୍ରବେଶ କରିଥାନ୍ତି। ଜଗନ୍ନାଥ ମନ୍ଦିର ଛକରୁ କିଛି ଗାଡ଼ି ଟିଟଲାଗଡ଼ ଦେଇ ରାୟପୁର ଯିବାକୁ ଛକରେ ମୋଡ଼ିବା ସମୟରେ ଅନେକ ସମସ୍ୟା ଦେଖାଦେଇଥାଏ। ପ୍ରତି ୫ କି ୧୦ ମିନିଟ ବ୍ୟବଧାନ ରେ ୧୦ ଟି ଗାଡ଼ି ଛାଡିଲେ ସମସ୍ୟା କିଛି ମାତ୍ରାରେ ସମାଧାନ ହେବ ବୋଲି ଅଞ୍ଚଳବାସୀ ଦାବିକରି ଟ୍ରାଫିକ ନିୟନ୍ତ୍ରଣ ପାଇଁ ଦାୟିତ୍ୱରେ ଥିବା ପୁଲିସ କର୍ମଚାରୀଙ୍କୁ ରାତି ୯ ଟା ପର୍ଯ୍ୟନ୍ତ ଛକରେ ନିଜର ଦାୟିତ୍ୱ ସମ୍ପାଦନ କରିବାକୁ ଦାବି ହେଉଛି।

# ମହୁଲପାଟଣା ଘାଟି ରାସ୍ତା ନିର୍ମାଣରେ ଅନିୟମିତତା ଅଭିଯୋଗ

# କାମ ନ ସରୁଣୁ ଉଠିଲାଣି ପିଚୁ

ଜୟପାଟଣା, ୧୦।୪(ସମିସ)

ଗୋଟିଏ କି ଦୁଇ କୋଟି ନୁହେଁ, ବରଂ ୮ କୋଟିରୁ ଅଧିକ ଟଙ୍କା ବ୍ୟୟରେ ନିର୍ମାଣ ଚାଲିଛି ୧୩ କିଲୋମିଟର ଦୀର୍ଘ ଘାଟି ରାସ୍ତା। କିନ୍ତୁ କାମ ସରିବା ପୂର୍ବରୁ ରାସ୍ତାର ସ୍ଥାୟିତ୍ୱକୁ ନେଇ ଉଠିଛି ବଡ଼ ପ୍ରଶ୍ନବାଚୀ। କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକର ଜୀବନରେଖା କୁହାଯାଉଥିବା ମହୁଲପାଟଣା ଘାଟି ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। ଉପର ଇନ୍ଦ୍ରାବତୀ ପ୍ରକଳ୍ପ ଅଧୀନରେ ଥିବା ଏହି ରାସ୍ତା ଜୟପାଟଣା ଓ ଥୁଆମୂଳ ରାମପୁର ବ୍ଲକକୁ ସଂଯୋଗ କରିବା ସହ ନବରଙ୍ଗପୁର ଓ ରାୟଗଡ଼ା ଜିଲ୍ଲାବାସୀଙ୍କ ପାଇଁ ମଧ୍ୟ ମୁଖ୍ୟ ଯାତାୟାତର ମାଧ୍ୟମ। ଦୀର୍ଘ ବର୍ଷ ଧରି ଶୋଚନୀୟ ହୋଇ ପଡ଼ିଥିବା ଏହି ରାସ୍ତା ପାଇଁ ଜନସାଧାରଣଙ୍କ ଦାବି ପରେ ୮ କୋଟି ଟଙ୍କା ମଞ୍ଜୁର ହୋଇଥିଲା। ହେଲେ ବର୍ତ୍ତମାନ ରାସ୍ତା କାମରେ ଲକ୍ଷଲକ୍ଷ ଟଙ୍କା ପାଣିରେ ପଡୁଥିବା ଦେଖିବାକୁ ମିଳୁଛି। ଲୋକଙ୍କ ଅଭିଯୋଗ ଅନୁଯାୟୀ, ଏହି ରାସ୍ତା କାମରେ ଅତି ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଉଛି। ଗୋଟିଏ ପଟେ ପିଚୁ ପଡୁଥିବାବେଳେ ଅନ୍ୟପଟେ ତାହା ଚାଦର ପରି ଉଠିଯାଉଛି। ତଦାରଖ ଦାୟିତ୍ୱରେ ଥିବା ଇନ୍ଦ୍ରାବତୀ କର୍ତ୍ତୃପକ୍ଷଙ୍କ ଚରମ ଅବହେଳା ଯୋଗୁଁ ଠିକାଦାର ନିଜ ମନମୁତାବକ କାମ କରୁଥିବା କୁହାଯାଉଛି। ଏ ସମ୍ପର୍କରେ ଇନ୍ଦ୍ରାବତୀ ପ୍ରକଳ୍ପ ଯନ୍ତ୍ରୀଙ୍କୁ ପଚାରିବାରୁ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇନାହାନ୍ତି। ବର୍ତ୍ତମାନ ପୂର୍ବ ଅତିରିକ୍ତ ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ ଅବସର ଯଗୁଁ ଇନ୍ଦ୍ରାବତୀ ଜଳ ସେଚନ ପ୍ରକଳ୍ପ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଗୋବିର୍ଦ୍ଧନ ନାଏକ ଏହି ରାସ୍ତା ଦାୟିତ୍ୱରେ ରହିଥିବା ରାସ୍ତା ନିର୍ମାଣ କାର୍ଯ୍ୟରେ ସଠିକ ହେବବୋଲି ଆଶା କରାଯାଉଛି। ଶୁକ୍ରବାର ଏହି ରାସ୍ତା କାମରେ ଦୁର୍ନୀତି ନେଇ ଅସନ୍ତୋଷ ବଢ଼ିବାରୁ ଆଜି



## ତଦନ୍ତ ନିର୍ଦ୍ଦେଶ ଦେଲେ ବିଧାୟକ

ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀ ସ୍ଥଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। କାମର ମାନ ପରଖିବା ସହ ଉପସ୍ଥିତ ବିଭାଗୀୟ ଅଧିକାରୀଙ୍କୁ ସଠିକ ଭାବେ କାର୍ଯ୍ୟ କରିବାକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଏହି ନିମ୍ନମାନର କାର୍ଯ୍ୟର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ମଧ୍ୟ ଦାବି ଜୋର ଧରିଛି।

# ଦୁର୍ଦ୍ଦାନ୍ତ ଅପରାଧୀ ଗିରଫ; ଟଙ୍କା ଓ ଲାପଟପ୍ ଜବତ



**ଜୟପାଟଣା, ୧୦।୪(ସମିସ):** କଳାହାଣ୍ଡି ଜିଲ୍ଲା ଜୟପାଟଣା ଥାନା ପୁଲିସକୁ ମିଳିଛି ଏକ ବଡ଼ ସଫଳତା। ଜଣେ ପେସାଦାର ଚୋରକୁ ଗିରଫ କରିବା ସହ ତା' ନିକଟରୁ ବିପୁଳ ପରିମାଣର ନଗଦ ଟଙ୍କା ଓ ଚୋରି ସାମଗ୍ରୀ ଜବତ କରିଛି ପୁଲିସ। ଗତ ୭ ତାରିଖରେ ଜୟପାଟଣା ହୋଣ୍ଡା ସୋରୁମରୁ ଗୋଟିଏ ଲାପ୍‌ଟପ୍, ଦେଢ଼ଲକ୍ଷ ଟଙ୍କା ସହ ସିସିଟିଭି ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। ଏହାକୁ ଭିତ୍ତିକରି ପୁଲିସ ତଦନ୍ତ ଆରମ୍ଭ କରିଥିଲା। ଥାନା ଅଧିକାରୀଣି ଅର୍ଚ୍ଚନା ନାଏକଙ୍କ ନେତୃତ୍ୱରେ ପୁଲିସ ଟିମ୍ ଅତି କମ୍ ସମୟ ମଧ୍ୟରେ ଅଭିଯୁକ୍ତକୁ ଧରିବାରେ ସକ୍ଷମ ହୋଇଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ମୁଖିଗୁଡ଼ା ପୁରୁଣା ମାର୍କେଟ ଅଞ୍ଚଳର ପରମେଶ୍ୱର ବାଗ (୨୨)। ଅଭିଯୁକ୍ତଙ୍କ ନିକଟରୁ ୮୦, ୫୬୦ ଟଙ୍କା, ଗୋଟିଏ ଲାପଟପ୍, ଗୋଟିଏ କି-ପ୍ୟାଡ୍ ମୋବାଇଲ୍ ଫୋନ୍ ଜବତ କରିଛି। ସୂଚନା ଅନୁଯାୟୀ, ପରମେଶ୍ୱର ଜଣେ ଅଭ୍ୟାସଗତ ଅପରାଧୀ। ଗତ ୨୦୨୫ ସେପ୍ଟେମ୍ବର ୨୯ ରିଖରେ କଳମପୁର ଥାନା ଅନ୍ତର୍ଗତ ବିଜମରା ବିଦେଶୀ ମଦ ଦୋକାନ ରୁ ୮ ଲକ୍ଷ ଟଙ୍କା ଚୋରି କରିବା ସହ ସିସିଟିଭି ଭଙ୍ଗାରୁଜା ଘଟଣାରେ ମଧ୍ୟସେ ମୁଖ୍ୟ ଅଭିଯୁକ୍ତ ଥିଲା।

# ଆମ୍ବେଦକର ଜୟନ୍ତୀରେ ନିଶାଦ୍ରବ୍ୟ ବିକ୍ରି ଉପରେ କଟକଣା ଦାବି

**କେସିଙ୍ଗା, ୧୦।୪(ସମିସ):** ଡ.ବି.ଆର୍. ଆମ୍ବେଦକର ସମାଜ ସେବକ ସଂଘ ପ୍ରତିବର୍ଷ ଆମ୍ବେଦକର ଜୟନ୍ତୀ ପାଳନ କରି ଆସୁଛନ୍ତି। ଏହି ଦିନରେ ହଜାର ହଜାର ଲୋକଙ୍କ ଜନସମାଗମ ହୋଇଥାଏ। ଡ. ଆମ୍ବେଦକରଙ୍କୁ ଆଦର୍ଶ ମାନି ଆସୁଥିବା ସମସ୍ତ ବୁଦ୍ଧିଜୀବୀ ଓ ମାନବବାଦୀ ସଂଗଠନ ଗୁଡ଼ିକ ଏହିବର୍ଷ ଜୟନ୍ତୀ ଉପଲକ୍ଷେ କଳାହାଣ୍ଡି ଜିଲ୍ଲାରେ ମାଦକ ଦ୍ରବ୍ୟ ଓ ନିଶାଦ୍ରବ୍ୟ ବିକ୍ରି ଉପରେ ପ୍ରତିବନ୍ଧକ ଲଗାଇବା ପାଇଁ ପ୍ରତିବନ୍ଧକ ଲଗାଇଛନ୍ତି। ଏହି ଐତିହାସିକ ଦିନକୁ ଆଦର୍ଶ, ସ୍ନେହ ଓ ଭାଇଚାରାର ଦିବସ ଭାବରେ ଉତ୍ସବ ପାଳନ କରିବା ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲ୍ଲାପାଳଙ୍କୁ ଦେଇଛନ୍ତି। କେସିଙ୍ଗାର ଅଭିମନ୍ୟୁ ମହାନନ୍ଦ, ଯୁଗଳ କିଶୋର ଦୀପ, ଚକାଡୋଳା ବାରିକ ଓ ଗୌରଚନ୍ଦ୍ର ସାହୁ ଉକ୍ତ ଦାବିପତ୍ରକୁ ଜିଲ୍ଲାପାଳଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ।



# ପଟାଙ୍ଗପଦରକୁ ବାଟ ପାଉନି ବିକାଶ

## ରାସ୍ତା, ସ୍ୱାସ୍ଥ୍ୟ ଓ ଶିକ୍ଷା ମୁଖ୍ୟ ସମସ୍ୟା






**ଲାଞ୍ଜିଗଡ଼, ୧୦।୪(ସମିସ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଲାଖବାହିଲି ପଞ୍ଚାୟତର ଏକ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଗାଁ ହେଉଛି ପଟାଙ୍ଗ ପଦର। ୩୫ରୁ ଊର୍ଦ୍ଧ୍ୱ ପରିବାର ରହୁଥିବା ଏହି ଗାଁରେ ତିନିଟି ପଡ଼ା ରହିଛି। ଦୁଇଟି ଆଦିବାସୀ ପଡ଼ା ରହିଥିବାବେଳେ ଗୋଟିଏ ଦଳିତ ପଡ଼ା ରହିଛି। ଗାଁର ମୁଖ୍ୟ ସମସ୍ୟା ହେଉଛି ରାସ୍ତା। ଲାଖବାହିଲି ପଞ୍ଚାୟତ ମୁଖ୍ୟାଳୟଠାରୁ ମାତ୍ର ୫ କିମି ଦୂରରେ ଥିଲେ ମଧ୍ୟ ଅବହେଳିତ ହୋଇ ରହିଛି ଏହି ଗାଁ। ଲାଖବାହିଲି-ବିଜେପୁର ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ଠାରୁ ୨ କି.ମି ଦୂର ମାଟି ରାସ୍ତାରେ ଯିବାପରେ ବାରଗୁଡା ଗାଁଠାରୁ ୧ କିମି ପାଦ ଚଲା ଜମି ହିଡ଼ ରାସ୍ତାରେ ଗଲେ ପ୍ରଥମେ ସିର୍କୀଝୁଲା ଗାଁ ପଡେ। ସେଠାରୁ ପୁଣି ୨ କି.ମି ଗଲେ ଏହି ପଟାଙ୍ଗ ପଦର ଗାଁ ପଡ଼ିଥାଏ। ରାସ୍ତା ନ ଥିବା ଯୋଗୁଁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ରାଜାରାଜୁଡା ଅମଳରୁ ମାଟିଘର ରହୁଥିବା ଏହି ଗ୍ରାମବାସୀଙ୍କୁ ସରକାରଙ୍କ ତରଫରୁ ଗତବର୍ଷ ତିନିଟି ଘର ମିଳିଥିବ ବେଳେ ଚଳିତବର୍ଷ ୮ଟି ଘର ମିଳିଛି। କିନ୍ତୁ ରାସ୍ତା ନ ଥିବା ଯୋଗୁଁ ବେନଗାଁ ପଞ୍ଚାୟତ ବିଭିନ୍ନ ଗାଁ ଦେଇ ପ୍ରାୟ ୧୦ କିମି ଦୂର ବୁଲିକି ଘର ସାମଗ୍ରୀ ନେଇ ଅଧିକ ଖର୍ଚ୍ଚରେ ପଡୁଥିବା କହିଛନ୍ତି। ଗାଁ ଦାୟିତ୍ୱରେ ଥିବା ସ୍ୱାସ୍ଥ୍ୟକର୍ମୀ ଗାଁକୁ ଯିବା ଦୂରର କଥା ପଞ୍ଚାୟତକୁ ସପ୍ତାହରେ ଥରେ କାଁ ଭାଁ ଯାଇଥାନ୍ତି। ଗାଁ ଲୋକେ ସ୍ୱାସ୍ଥ୍ୟକର୍ମୀଙ୍କୁ ଦେଖିନୁ ବୋଲି କହିଛନ୍ତି। ପଞ୍ଚମ ଶ୍ରେଣୀ ଉତ୍ତୀର୍ଣ୍ଣ ପରେ ନିଜ ଲାଖବାହିଲି ଉଚ୍ଚ ବିଦ୍ୟାଳୟକୁ ପାଠ ପଢ଼ି ଯିବା ସମ୍ଭବ ହେଉନାହିଁ। ନିଜ ଗାଁ ପଟାଙ୍ଗ ପଦର ଓ ବାରଗୁଡା ଗାଁ ପର୍ଯ୍ୟନ୍ତ ପାଦ ଚଲା ରାସ୍ତା ସହିତ ମଝିରେ ଏକ ନାଳ ଥିବା ଯୋଗୁଁ ବର୍ଷା ଦିନେ ସମ୍ଭବ ହେଉନାହିଁ। ତେଣୁ ୧୦କି.ମି ଦୂର ସୀମାନ୍ତ ପଞ୍ଚାୟତ ବେନଗାଁ ଉଚ୍ଚ ବିଦ୍ୟାଳୟରେ ଅଧିକାଂଶ ଛାତ୍ରଛାତ୍ରୀ ନାମ ଲେଖାଇ ଥିବା ବେଳେ ନିୟମିତ ପାଠ ପଢ଼ି ଯିବା ସମ୍ଭବ ହେଉନାହିଁ ବୋଲି ଗାଁ ଲୋକେ କହନ୍ତି। ସେହିପରି ଅଙ୍ଗନବାଡି କେନ୍ଦ୍ର ଗାଁରେ ନ ଥିବାରୁ ଗାଁର କୋମଳମତି ଶିଶୁମାନେ ୩ କି.ମି ଦୂର ନିକଟସ୍ଥ ସରଗୁଡ଼ା ଗାଁକୁ ମାଟି ରାସ୍ତାରେ ଯାଉଛନ୍ତି। ଦୂର ରାସ୍ତା ଯୋଗୁଁ କୋମଳମତି ଶିଶୁ ମାନେ ନିୟମିତ ଯିବା ସମ୍ଭବ ହେଉନାହିଁ। ତେଣୁ କେନ୍ଦ୍ର ଦାୟିତ୍ୱରେ ଥିବା ଅଙ୍ଗନବାଡି କାର୍ମୀ ଅନୁପସ୍ଥିତ ଥିବା ପିଲାଙ୍କୁ ଖାଦ୍ୟ ଓ ଅନ୍ୟାନ୍ୟ ସାମଗ୍ରୀ ଦେଉନଥିବା ଅଭିଯୋଗ କରିଛନ୍ତି। ସେହିପରି ପଞ୍ଚାୟତ ପିଡିଏସ ଚାଉଳ କିମ୍ବା ଭତ୍ତା ପାଇଁ ହିତାଧିକାରୀ, ଭିନ୍ନକ୍ଷମ ଓ ବୃଦ୍ଧ ବୃଦ୍ଧା ମାନେ ନିଜ ଲାଖବାହିଲି ପଞ୍ଚାୟତକୁ ଯିବା ପାଇଁ ସୀମାନ୍ତ ପଞ୍ଚାୟତ ବେନଗାଁର ବେତିଆପଡ଼ା, ଘୋଡାପୋଖେର, ବାଲିଗୁଡା, ପାଜିବାହିଲି, ବେନଗାଁ, ତାଲାଙ୍ଗ ସୁର, କୁଟିଙ୍ଗ ପଦର, କୁମ୍ଭାରଗୁଡା ପ୍ରାୟ ୧୨ କିମି ଦେଇ ନିଜ ପଞ୍ଚାୟତ ଲାଖବାହିଲିକୁ ଯିବାବେଳେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗାଁର ବିଭିନ୍ନ ସମସ୍ୟା ନେଇ ବାରମ୍ବାର ଅଭିଯୋଗ ପରେବି ପ୍ରଶାସନ ପକ୍ଷରୁ ଗାଁକୁ ଦୃଷ୍ଟି ଦେଇନଥିବା ଯୋଗୁଁ ବର୍ଷ ବର୍ଷ ଧରି ଗାଁଟି ଅପହଞ୍ଚ ହୋଇ ରହିଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ତେଣୁ ଏହି ଗାଁର ସମସ୍ୟା ପ୍ରତି ପ୍ରଶାସନ ଓ ଜନ ପ୍ରତିନିଧିମାନେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ଧର୍ମଗଡ଼ ଅତିରିକ୍ତ ଜିଲ୍ଲା ଦୌରାଜଜ୍‌ଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ଧର୍ମଗଡ଼, ୧୦।୪ (ସମିସ):** ଧର୍ମଗଡ଼ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ସୁରେଶ ଚନ୍ଦ୍ର ପ୍ରଧାନଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ଏନେଇ ଧର୍ମଗଡ଼ ଓକିଲ ସଂଘ ପକ୍ଷରୁ ଆଜି ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଧର୍ମଗଡ଼ ଓକିଲ ସଂଘ ବରିଷ୍ଠ ଅଧିବକ୍ତା ଚିନ୍ତାମଣି ପାତ୍ରଙ୍କ ଅଧ୍ୟକ୍ଷତାରେ ଜଜ୍‌ଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ସେ ଧର୍ମଗଡ଼ରେ ୨ବର୍ଷ ଛଅ ମାସ ସଫଳତାର ସହ କାର୍ଯ୍ୟ କରିବା ପରେ ତାଙ୍କୁ ପୁରୀ ଜିଲ୍ଲା ନିମାପଡ଼ାକୁ ବଦଳି ହୋଇଛି। ଏହି ବିଦାୟକାଳୀନ ସଭାରେ ବରିଷ୍ଠ ଆଇନଜୀବୀ ତୁଷାର ରଞ୍ଜନ ପଟ୍ଟଯୋଶୀ, ଥବିର ପ୍ରସାଦ ସାହୁ, ସୁବାସ ଚନ୍ଦ୍ର ପାଣିଗ୍ରାହୀ, ସମୀର କୁମାର ମୁଣ୍ଡ, ମିହିର ରଞ୍ଜନ ପଟ୍ଟଯୋଶୀ, ସନ୍ତୋଷ ମେହେର, ଲିଙ୍ଗରାଜ ବେହେରା, ରାଜେନ୍ଦ୍ର ମୁନି, କଲ୍ୟାଣୀ ନାଏକ, କମଳିନୀ ରଥ, କୃପାସିନ୍ଧୁ ପଣ୍ଡା, ଧୀରେନ୍ ପାତ୍ର, ସଂଯୁକ୍ତା ପଣ୍ଡା, ଦିନେଶ କୁମାର ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ଓକିଲ ସଂଘର ସମ୍ପାଦକ ଭବାନୀଶଙ୍କର ପଣ୍ଡା ସଭା କାର୍ଯ୍ୟ ପରିଚାଳନା କରିଥିବାବେଳେ ଉପସଭାପତି ଅଶ୍ୱିନୀ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଧର୍ମଗଡ଼ କୋର୍ଟର ବିଚାର ବିଭାଗର ସମସ୍ତ କର୍ମଚାରୀମାନେ ମଧ୍ୟ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦେଇଥିଲେ।



# କଳାଗ୍ରାମରେ 'କଳାକାର ସହ ଦିନ ଟିଏ'

**ଭବାନୀପାଟଣା/ଜୁନାଗଡ଼, ୧୦।୪(ସମିସ):** କଳାହାଣ୍ଡି ଜିଲ୍ଲାସ୍ତରୀୟ ଓଡ଼ିଆ ପକ୍ଷ ପାଳନ ଅବସରରେ ଆଜି ଥିଲା ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ। ଏହି ଅବସରରେ କଳାହାଣ୍ଡି ଜିଲ୍ଲାର କଳାଗ୍ରାମ ଛୋରିଆଗଡ଼ ଠାରେ କଳାକାରମାନଙ୍କ ପାଇଁ ଏକ ବିଶେଷ ଓ ସ୍ମରଣୀୟ କାର୍ଯ୍ୟକ୍ରମ ଜିଲ୍ଲା ପ୍ରଶାସନ ଓ ସଂସ୍କୃତି ପରିଷଦ କଳାହାଣ୍ଡି ଦ୍ୱାରା ଆୟୋଜିତ ହୋଇଥିଲା। ଏହି ସାଂସ୍କୃତିକ ସଭାରେ ଜୁନାଗଡ଼ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବାଶିଷ କର ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ତନ୍ମୟ କୁମାର ଦରୱାନ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଡେପୁଟି କଲେକ୍ଟର ତୁଷାରକାନ୍ତ ସାହୁ ବବିତା ଗୁରୁ, କରୁଣାକର ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମରେ ଲୋକକଳାକୁ ବଞ୍ଚେଇ ରଖିଥିବା ଜିଲ୍ଲାର ୧୮ ଜଣ କଳାକାରଙ୍କୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା କଳାକାରମାନଙ୍କୁ ଉତ୍ସାହିତ କରିବା ସହ ତାଙ୍କର ପ୍ରତିଭାକୁ ସମ୍ମାନ ଦେବା। କଳାହାଣ୍ଡି ସଂସ୍କୃତି ପରିଷଦର ସଂଯୋଜକ ତଥା ଛୋରିଆଗଡ଼ର ଅଶୋକ ପଟ୍ଟନାୟକ ସ୍ୱାଗତ ଭାଷଣ ଦେବା ସହିତ ସଭା ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ୧୩ଟି ବ୍ଲକର ବ୍ଲକ ସଂସ୍କୃତି ସଂଘର ସଭାପତି ସମେତ କଳାକାର ଉପସ୍ଥିତ ଥିଲେ।

# କୋମନା ବ୍ଲକରେ ୩ ଘରିଆ ହାତୀ ପଲ

**ନୂଆପଡ଼ା, ୧୦।୪(ସମିସ):** ଗତ ଖରିଫଚାଷ ସମୟରେ ପଡ଼ୋଶୀ ଛତିଶଗଡ଼ରୁ ୨୭ଟିକିଆ ହାତୀପଲ ବଲାଙ୍ଗିର ଜିଲ୍ଲାକୁ ଗସ୍ତ କରିଥିବାବେଳେ ଦୁଇମାସ ପରେ ପୁଣିଥରେ ଛତିଶଗଡ଼କୁ ଫେରିଯାଇଥିଲେ। ବର୍ତ୍ତମାନ ପୁଣିଥରେ ରବି ଋତୁ ଚାଷ ସମୟରେ ବଲାଙ୍ଗିର ଜିଲ୍ଲାରୁ କୋମନା ବ୍ଲକ ଦେଇ ଛତିଶଗଡ଼ ମୁହାଁ ହୋଇଛନ୍ତି। କୋମନା ବ୍ଲକର ଜଡାମୁଣ୍ଡା ଡ୍ୟାମ ନିକଟରେ ହାତୀପଲ ଡେରା ପକାଇଥିବାବେଳେ ବନବିଭାଗ ଜଗି ରହିଛନ୍ତି। ବିଭାଗୀୟ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ହାତୀପଲ ଗୁରୁବାର ରାତିରେ ବଲାଙ୍ଗିର ଜିଲ୍ଲା ତୁରେକେଲା ଜଙ୍ଗଲରୁ କୋମନା ବ୍ଲକ ଅଧୀନ ତାଣ୍ଡେଲ ପାହାଡ଼ରେ ପ୍ରବେଶ କରିଥିଲା। ଶୁକ୍ରବାର ପ୍ରତ୍ୟୁଷରୁ ଡୋଙ୍ଗରିପାଲି ଦେଇ ଜେଠୁପାଲି, ପଣ୍ଡ ରାପଥର କରି ଜଡାମୁଣ୍ଡା ଏବଂ ଇଚ୍ଛାପୁର ମଧ୍ୟବର୍ତ୍ତୀ ଗୋଲେଇପଡ଼ା ନିକଟରେ ଅଟକି ରହିଥିଲେ। ବନବିଭାଗ ତରଫରୁ ରେଞ୍ଜର ଦେବଦତ୍ତ ସୁତାରଙ୍କ ନେତୃତ୍ୱରେ ଏକ ଟିମ୍ ହାତୀପଲକୁ ପିଛାକରି ଗାଁ ଗାଁରେ ଲୋକଙ୍କୁ ସଚେତନ କରିଥିଲେ। ରାସ୍ତା ଘାଟରେ ଚଳା ଚଳ କରିବାକୁ ଲୋକଙ୍କୁ ମନା କରିଥିବାବେଳେ ଶୁକ୍ରବାର ସନ୍ଧ୍ୟାରେ ସ୍ଥାନୀୟ ଗାଁ ଗୁଡ଼ିକରେ ବିଜୁଳି ସଂଯୋଗ ବିଚ୍ଛିନ୍ନ କରାଯାଇଥିଲା। ରାତିରେ ଏହି ହାତୀ ପଲ ସୁନାବେଡ଼ା ଅଭୟାରଣ୍ୟ ଦେଇ ଛତିଶଗଡ଼କୁ ଯିବାର ସମ୍ଭାବନା ରହିଛି। ବନ ବିଭାଗର ଟିମରେ ଅନ୍ୟମାନଙ୍କ ମଧ୍ୟରେ ଧର୍ମେନ୍ଦ୍ର ନାୟକ, ଗଗନ ବିହାରୀ ହଂସ, ବିବେକାନନ୍ଦ ମିର୍ଦ୍ଧା, ଫରେଷ୍ଟ ଗାର୍ଡ ଉତ୍ତମ କୁମାର ମେହେର, ଶଶିଧର ଟାଣି, ସୋମେଶ୍ୱରି ପାତ୍ରି, ବନସୁରକ୍ଷା କର୍ମଚାରୀ ସାଗର ଠେଲା, ଡୋଳାମଣି ବେମାଲ, ଭୋଦେବ ଜାଲ, ଜୟଦେବ ସାହୁ, ସୁରେନ୍ଦ୍ର ନିଆଲ ପ୍ରମୁଖ ସାମିଲ ଥିଲେ।



**ଜଡ଼ାମୁଣ୍ଡା ଡ୍ୟାମ୍ ନିକଟରେ ନେଇଛନ୍ତି ଆଶ୍ରୟ**

# ଅବକାରୀ ବିଭାଗର ଚଢ଼ଉ ; ୨ ଗିରଫ

**କୋକସରା, ୧୦।୪(ସମିସ):** କୋକସରା ଅବକାରୀ ଥାନା ପକ୍ଷରୁ ଶୁକ୍ରବାର ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ବିଦେଶୀ ମଦ ଓ ଖଜୁରୀ ତାଡି ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ଦୁଇଜଣକୁ ଗିରଫ କରାଯାଇଛି। ଡାଲଗୁମାଠାରେ ଚଢ଼ଉ ସମୟରେ ଆନ୍ଧ୍ରପ୍ରଦେଶ ରାଜ୍ୟ ବାଲିସେଟ୍ଟି ଗୁଡେମ୍ ଗ୍ରାମର କୁମ୍ବମ୍ ରାଜବାବୁଙ୍କଠାରୁ ୬୦ ଲିଟର ତାଡ଼ି ଜବତ ହୋଇଥିବା ବେଳେ ମୁଷିପାଲି ଗ୍ରାମର ଚୌବନ ଦୁର୍ଗାଙ୍କ ଠାରୁ ୭.୬ ଲିଟର ବିଦେଶୀ ମଦଜବତ କରାଯାଇଛି। ଏହି ଘଟଣାରେ ଉଭୟଙ୍କୁ ଗିରଫକରି ପଚରାଉଚରା ପରେ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ଥାନା ପକ୍ଷରୁ ସୂଚନା ଦିଆଯାଇଛି। ଚଢ଼ଉ ସମୟରେ କୋକସରା ଅବକାରୀ ଥାନା ଓଆଇସି ଗୁପ୍ତେଶ୍ୱର ପୁଟେଲ, ଜୟପାଟଣା ଅବକାରୀ ଥାନା ଓଆଇସି ସୁରେଶ ଭୋଇଙ୍କ ନେତୃତ୍ୱରେ କନେଷ୍ଟବଳ ମହାଦେବ ମାଝୀ, ଖୁସିଦେବ କଟା, ଅରୁଣାକ୍ଷ ଧଙ୍ଗଡ଼ାମାଝୀ, ଯଶୋବନ୍ତି ଭୋଇ, ସୁବଳ ମାଝୀ ପ୍ରମୁଖ ସାମିଲ ହୋଇଥିଲେ।



## ଥୁଆମୂଳ ରାମପୁରରେ ବିଧାୟକଙ୍କ ସମୀକ୍ଷା ବୈଠକ

# ଅଧିକାରୀଙ୍କ ଅନୁପସ୍ଥିତିକୁ ନେଇ କ୍ଷୋଭ

**ଥୁଆମୂଳ ରାମପୁର, ୧୦।୪(ସମିସ):** କଳାହାଣ୍ଡି ଜିଲ୍ଲାର ଥୁଆମୂଳ ରାମପୁର ବ୍ଲକ ସଭାଗୃହରେ ଲାଞ୍ଜିଗଡ଼ ବିଧାନସଭା ମଣ୍ଡଳୀର ବିଧାୟକ ପ୍ରଦୀପ କୁମାର ଦିଶାରୀଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ବ୍ଲକ ଅଞ୍ଚଳରେ ଚାଲୁଥିବା ବିଭିନ୍ନ ବିଭାଗର ଉନ୍ନୟନ କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ବିଧାୟକ ଶ୍ରୀ ଦିଶାରୀ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବିକାଶମୂଳକ କାର୍ଯ୍ୟର ଖସଡା ପ୍ରସ୍ତୁତି, ପ୍ରାଥମିକତା ନିର୍ଦ୍ଧାରଣ ଓ ଅଧିକ ଆର୍ଥିକ ଅନୁଦାନ ଆଣିବା ନେଇ ଆଲୋଚନା କରିଥିଲେ। ବୈଠକରେ ସର୍ବସମ୍ମତି କ୍ରମେ ବିଭିନ୍ନ ପ୍ରସ୍ତାବ ଗୃହୀତ ହୋଇଥିବା ସୂଚନା ମିଳିଛି। ତେବେ ବୈଠକରେ ଦାୟିତ୍ୱରେ ଥିବା ବହୁ ଅଧିକାରୀ ଓ ଯନ୍ତ୍ରୀ ଉପସ୍ଥିତ ନ ଥିବାରୁ ବିଧାୟକ ଅସନ୍ତୋଷ ପ୍ରକାଶ କରିଥିଲେ। ବିଧାୟକଙ୍କ ଅଭିଯୋଗ ଅନୁଯାୟୀ, ବ୍ଲକ ପ୍ରଶାସନରେ ନିୟନ୍ତ୍ରଣ ଅଭାବ ଯୋଗୁଁ ଅଧିକାରୀମାନେ ମନମୁଖୀ ଭାବରେ କାମ କରୁଛନ୍ତି ଓ ଏହାର ପ୍ରଭାବ ସିଧାସଳଖ ଭାବରେ ଉନ୍ନୟନ କାର୍ଯ୍ୟ ଉପରେ ପଡୁଛି। ସେ କହିଥିଲେ ଯେ, ଏଭଳି ଅନୁପସ୍ଥିତି ଓ ଅବହେଳା ଅଞ୍ଚଳର ଉନ୍ନତିକୁ ବାଟବଣା କରୁଛି। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ବିଧାୟକ ପ୍ରତ୍ୟେକ ଗାଁ, ଜନବସତି ଓ ମୁଖ୍ୟ ଛକରେ ଶୀତଳ ପାନୀୟଜଳ ଯୋଗାଣ ବ୍ୟବସ୍ଥାକୁ ଶୀଘ୍ର ସୁନିଶ୍ଚିତ କରିବା ପାଇଁ ଜୋର ଦେଇଥିଲେ। ଏଥିସହିତ ଅନୁପସ୍ଥିତ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟନୁଷ୍ଠାନ ନିଆଯିବା ସହିତ ଏହି ବିଷୟରେ ରାଜ୍ୟ ସରକାରଙ୍କ ଓ ବିଶେଷକରି ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ସତର୍କ କରିଥିଲେ। ବୈଠକରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଧ୍ରୁବଚରଣ ମୁଦୁଲି, ସ୍ଥାନୀୟ ତହସିଲଦାର, ବିଧାୟକ ପ୍ରତିନିଧି ମାଣିକ୍ୟ ଚନ୍ଦ୍ର ନାଏକ, ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ମାଝୀ ଓ ଅନ୍ୟାନ୍ୟ କିଛି ଅଧିକାରୀ ଉପସ୍ଥିତ ଥିଲେ। ଏହି ଘଟଣାକୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀ ଓ ସାଧାରଣ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।



## ନୂଆପଡ଼ାରେ ଉଠା ଜଳସେଚନ

# ୯ ମାସରେ ୧୦୦୦ ସୋଲାର୍ ବୋର୍‌ୱେଲ୍ କାର୍ଯ୍ୟକ୍ଷମ

ନୂଆପଡ଼ା, ୧୦।୪(ସମିସ)

ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଓଡ଼ିଶା ଉଠା ଜଳସେଚନ କର୍ପୋରେସନ (ଓଏଲଆଇସି) ଅଧୀନରେ ଚାଲୁଥିବା କାର୍ଯ୍ୟକ୍ରମ ସମ୍ପର୍କିତ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାରେ ଉଠା ଜଳସେଚନ କ୍ଷେତ୍ରରେ ହୋଇଥିବା ଉଲ୍ଲେଖନୀୟ ଅଗ୍ରଗତି ସମ୍ପର୍କରେ ଅବଗତ କରାଯାଇଥିଲା। ଗତ ୯ ମାସ ମଧ୍ୟରେ ୧୦୦୦ଟି ସୌର ଚାଳିତ ଗଭୀର ନଳକୂପ (ବୋରୱେଲ) କାର୍ଯ୍ୟକ୍ଷମ କରାଯାଇ ୫୦୦୦ ହେକ୍ଟର ଜମିକୁ ଜଳସେଚନ ସୁବିଧା ଯୋଗାଇଦିଆଯାଇଛି। ଏହା ଫଳରେ କୃଷକମାନେ ବିଭିନ୍ନ ପାଣିପରିବା ଚାଷରେ ଆଗ୍ରହୀ ହୋଇ ଅର୍ଥନୈତିକ ଲାଭ ହାସଲ କରୁଛନ୍ତି। କୋମନା ବ୍ଲକରେ ୪୬୭ଟି, ସିନାପାଲିରେ ୨୦୮ଟି, ଖଡିଆଳରେ ୧୫୮ଟି ଓ ବୋଡେନରେ ୧୬୭ଟି ସୋଲାର ବୋରୱେଲ୍ ସ୍ଥାପନ ସମ୍ପୂର୍ଣ୍ଣ ହୋଇଛି। ଏହାଦ୍ୱାରା ମୋଟ ୫୦୦୦ ହେକ୍ଟର ଚାଷ ଜମି ଜଳସେଚନ ଆବରଣରେ ଆସିଛିବୋଲି କୁହାଯାଇଛି। ଅବଶିଷ୍ଟ ୩୦୫ଟି ପ୍ରକଳ୍ପ ପାଇଁ ଟେଣ୍ଡର ପ୍ରକ୍ରିୟା ଚାଲୁ ରହିଛି। ଏହି ଅବସରରେ ଜିଲ୍ଲାପାଳ ଉଠା ଜଳସେଚନ ସମ୍ପର୍କିତ ସମସ୍ତ ପ୍ରକଳ୍ପକୁ ଉତ୍ତମ ଗୁଣବତ୍ତା ସହିତ ନିର୍ଦ୍ଧାରିତ ସମୟସୀମାରେ ସମ୍ପୂର୍ଣ୍ଣ କରିବା ପାଇଁ ଅଧିକାରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଓଏଲଆଇସିର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପ୍ରସନ୍ନ କୁମାର ସେଠୀ, ଟିପିଡବ୍ଲିଓ ଡିଭିଜନର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୁଖ୍ୟାତ ଦେବ ପରିଡ଼ା, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ମାନସ ରଞ୍ଜନ ବୁଡାଙ୍କ ସହ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



## ୫୦୦୦ ହେକ୍ଟର ଜମିକୁ ଜଳ

